## ସଂକ୍ଷେପରେ

### ଦାୟିତ୍ୱ ନେଲେ ଈଶ୍ୱର ପାଣିଗ୍ରାହୀ



ଜୟପୁର, ୧୧।୧୧(ନି.ପ୍ର.)- କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତିଭାବେ ଦାୟିତ୍ୱ ନେଲେ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ। ନିର୍ଦ୍ୱନ୍ଦରେ ନବାଚିତ ହୋଇଥିଲେ ବିଜେଡିର ସଭାପତି ଈଶ୍ୱର ପାଣିଗ୍ରାହୀ। ସେ ପହଞ୍ଚିବା ପରେ ବ୍ୟାଙ୍କ କର୍ମଚାରୀ, ଅଧିକାରୀ, ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଚାଷିଙ୍କ ସ୍ୱାର୍ଥ ଦିଗରେ କାମ କରି ସେମାନଙ୍କ ବିକାଶକୁ ଦୃଷ୍ଟି ଦେବେ। ଏଥିସହ ସରକାରଙ୍କ ବିଭିନ୍ନ ଯୋଜନା ଓ ଚାଷୀ ଋଣ ସହଜିକରଣ କରିବାକୁ ଉଦ୍ୟମ କରିବେ ବୋଲି ଈଶ୍ୱର ପ୍ରତିଶ୍ରୁତି ଦେଇଛନ୍ତି।

### ନମ୍ବର ବିହୀନ ଅଟୋ ଜବତ, ଚାଳକ ଗିରଫ
#### ପାଣି ପମ୍ପ ଚୋରି ଘଟଣା

ଉମରକୋଟ, ୧୧।୧୧(ସ୍ୱ.ପ୍ର.) -ଦୁଇଟି ପାଣି ପମ୍ପ ଚୋରୀ ଅଭିଯୋଗରେ ଉମରକୋଟ ପୋଲିସ ଅଟୋ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ୨ଜଣ ଫେରାର ଅଛନ୍ତି। ବଡଭରଣ୍ଡି ପଞ୍ଚାୟତ ଦୁରୁଆଗୁଡା ଗ୍ରାମର ନଇଲୁ ଭତ୍ରାଙ୍କ ତାଲା ପଦରସ୍ଥିତ ଚାଷ ଜମିରୁ ଓ ପାଖରେ ଥିବା ବଡଭରଣ୍ଡି ଗ୍ରାମର ଯଦୁ ଭତ୍ରାଙ୍କ ଜମିରୁ ଡିଜେଲ ପମ୍ପ ଚୋରି ହୋଇଥିଲା। ନଇଲୁ ଚୋରି ପମ୍ପ ଖୋଜାଖୋଜି କରିବାବେଳେ ଧୋଡ୍ରାସ୍ଥିତ ଏକ ସ୍କ୍ରାପ ଦୋକାନ ସମ୍ମୁଖରେ ଥିବା ଅଟୋରେ ୨ ଟି ପମ୍ପ ଥିବା ଦେଖିଥିଲେ। ଏହାପରେ ନଇଲୁ ଦୋକାନ ମାଲିକଙ୍କୁ ପଚାରିବାରୁ ପମ୍ପଗୁଡିକୁ ଖୁଟୁଗୁଡାର ରଖାଲ ଗାଇନ ଆଣି ରଖିଛନ୍ତି ବୋଲି ସେ କହିଥିଲେ। ଏହାପରେ ନଇଲୁ ଉମରକୋଟ ପୋଲିସଙ୍କୁ ଜଣାଇଥିଲେ। ପୋଲିସ ରଖାଲଙ୍କୁ ଗିରଫ କରିବା ପରେ ସେ ୨ଜଣ ସହଯୋଗୀଙ୍କ ସାଙ୍ଗରେ ମିଶି ଚୋରି କରିଥିବା ମାନିଥିଲେ। ରଖାଲଙ୍କ ସହଯୋଗୀ ୨ଜଣ ଫେରାର ଅଛନ୍ତି ବୋଲତ ଉମରକୋଟ ଥାନାଧିକାରୀ ଦୀପକ କୁମାର ଜେନା କହିଛନ୍ତି। କେସ୍ ନଂ. ୩୯୩/୨୨ରେ ଉମରକୋଟ ଥାନାରେ ମାମଲା ରୁଜୁ କରାଯାଇଛି।

### ଉତ୍କଳ ଗୌରବ ମଧୁସୂଦନ ଲାଇବ୍ରେରି ଉଦ୍‌ଘାଟିତ

ଜୟପୁର, ୧୧।୧୧(ନି.ପ୍ର.)- ଜୟପୁରସ୍ଥିତ ଜିଲା ଓକିଲ ସଂଘ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଲାଇବ୍ରେରି ଉଦ୍‌ଘାଟିତ ହୋଇଛି। ରାଜ୍ୟ ଆଇନଜୀବୀ ପରିଷଦ ଅନୁରୋଧରେ ଜିଲା ଓକିଲ ସଂଘ ଦ୍ୱାରା ଲାଇବ୍ରେରୀ ନିର୍ମାଣ କରାଯାଇଥିଲା। ଜିଲା ଜଜ୍ ସତ୍ୟ ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜଜ୍ ଇ ବିଘ୍ନେଶ୍ୱର ରାଓ, ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା, ସିଜିଏମ ଦିଲ୍ଲୀପ କୁମାର ମିଶ୍ର, ଅଞ୍ଜଳି ମାଛଖଣ୍ଡ, ରଶ୍ମିରେଖା ପଣ୍ଡା, ଏସଡିଜେଏମ ପବିତ୍ର ମୋହନ ସାମଲ, ପରିବାର ଅଦାଲତ ଜଜ୍ ପଲ୍ଲବୀ ପ୍ରିୟଦର୍ଶନି ଦାସ, ମୁସରାଥ ଜାହିନ, ଡିଏଲ୍‌ଏସ୍ ସମ୍ପାଦକ ସୁମନ ଜେନା, ରେଜିଷ୍ଟ୍ରାର ସରତ କୁମାର ଜେନା, ଜେଏମଫସି ଆଦର୍ଶ ବେହେରା ସହ ଜିଲା ଓକିଲ ସଂଘର ସଭାପତି ସରୋଜ ଦାସ, ଉପ ସଭାପତି ଗିରିଧର ଖରା, ସମ୍ପାଦକ ଆନନ୍ଦ ରଥ, ସହଦେବ ପଟ୍ଟନାୟକ, ଗୁପ୍ତ ବିଷୋୟୀ, ହରିଶ ମୁଦୁଲି, ଦିବାକର ରାଓ, ଶଶା ନନ୍ଦ ମିଶ୍ର, ଦିବାକର ଗୌଡ, ପି ସନ୍ୟାସି ରାଓ, ଡି.ବି. ଅଗ୍ରଓାଲ ପ୍ରମୁଖ ଉପସ୍ଥିତ ଥିଲେ। ୪ହଜାର ୨ ଶହ ବହି ଏଠାରେ ରଖାଯାଇଛି।

# ଡିସେମ୍ବର ୧ରୁ କୋରାପୁଟରେ ଇକୋ ରିଟ୍ରିଟ୍

- ଦେଓମାଳି, ଗିର୍ଲିମାଳି ପାହାଡ଼ ସୌନ୍ଦର୍ଯ୍ୟ ଉପଭୋଗ କରିବେ ପର୍ଯ୍ୟଟକ
- କରାଯାଇଛି ୨୮ କଟେଜ୍ ବ୍ୟବସ୍ଥା

ସୁନାବେଡ଼ା/ସେମିଳିଗୁଡ଼ା, ୧୧।୧୧(ସ୍ୱ.ପ୍ର.)



କୋରାପୁଟ ଜିଲାରେ ଡିସେମ୍ବର ୧ରୁ ଆରମ୍ଭ ହେଉଛି ଇକୋ ରିଟ୍ରିଟ୍। ପର୍ଯ୍ୟଟକ ସେଠାରେ ରହି ସେମିଳିଗୁଡ଼ା ବ୍ଲକ ଅଧୀନ ଦୁଧାରୀ ପଞ୍ଚାୟତର ପୁଟସିଲି ଓ ଫୁଲବନ୍ଧ ମଧ୍ୟରେ ଥିବା ଗିର୍ଲିମାଳି ପର୍ବତର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ଏଥିରେ ମୋଟ ୨୮ଟି କଟେଜ ବ୍ୟବସ୍ଥା କରାଯାଇଛି। ଉକ୍ତ କଟେଜର ତାରକା ହୋଟେଲ ଭଳି ସେବା ଲୋକଙ୍କୁ ମିଳିବ। ପର୍ଯ୍ୟଟକଙ୍କ ପାଇଁ ତାରକା ହୋଟେଲ ଭଳି ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଏହା ସହ ଏଠାରେ ପର୍ଯ୍ୟଟକଙ୍କୁ କୋରାପୁଟିଆ ଖାଦ୍ୟ ମଧ୍ୟ ଦିଆଯିବ ବୋଲି ସୂଚନା ମିଳିଛି। ଏଥିସହ ୨ଶହ କର୍ମଚାରୀ ପର୍ଯ୍ୟଟକଙ୍କୁ ସେବା ଯୋଗାଇବା ପାଇଁ ନିୟୋଜିତ କରାଯାଇଛି ବୋଲି ସୂଚନା ମିଳିଛି।

ଗତବର୍ଷ ଇକୋ ରିଟ୍ରିଟ୍ ପରିଚାଳନା ଦାୟିତ୍ୱ ରାଜସ୍ଥାନର ଏକ ସଂସ୍ଥାକୁ ଦିଆଯାଇଥିଲା। ଅନ୍‌ଲାଇନରେ ବହୁ ପର୍ଯ୍ୟଟକ କଟେଜ୍ ପାଇଁ ବୁକିଂ କରିଥିଲେ ମଧ୍ୟ ସେମାନଙ୍କୁ ସେବା ଯୋଗାଇଦେବାରେ ଫେଲ୍ ମାରିଥିଲା ସଂସ୍ଥା। ଏହାକୁ ନେଇ ପର୍ଯ୍ୟଟନ ବିଭାଗକୁ କଟୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଚଳିତ ବର୍ଷ ଦିଲ୍ଲୀର ଏକ ସଂସ୍ଥାକୁ ଇକୋ ରିଟ୍ରିଟ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଇକୋ ରିଟ୍ରିଟ୍‌ର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ଅଭିଯୋଗ ଆଣିଛନ୍ତି ସଂସ୍ଥାର ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ। ପୂର୍ବ ସଂସ୍ଥା ଦ୍ୱାରା ବିଜୁଳି ଦେୟ ବାକି ରହିଥିବାରୁ ଏପରି ଅସୁବିଧା ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ ସଂସ୍ଥାର ଅଧିକାରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି।

# ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ ଜନପ୍ରତିନିଧି

କୋଷାଗୁମୁଡ଼ା, ୧୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ସରପଞ୍ଚ ସମିତି ସଭ୍ୟମାନେ ବୈଠକରେ ଅଳ୍ପ ସମୟ ପରେ ଏହାକୁ ବର୍ଜନ କରି ବାହାରକୁ ଚାଲି ଆସିଥିଲେ। ପୂର୍ବ ବୈଠକରେ ଆଲୋଚନା କରାଯାଇଥିବା ଅଭିଯୋଗର ପ୍ରୋସିଡିଂ ସମ୍ପର୍କରେ ଜନ ପ୍ରତିନିଧିଙ୍କୁ ଜଣାଯାଇ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏହି ବୈଠକର କିଛି ଲାଭ ନାହିଁ ବୋଲି ସେମାନେ କହିଥିଲେ।

ତିନି ମାସ ପୂର୍ବରୁ ହୋଇଥିବା ବୈଠକରେ ଯେଉଁ ସବୁ ବିଷୟରେ ଆଲୋଚନା କରାଯାଇଥିଲା ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ବୋଲି ଜନପ୍ରତିନିଧି ମାନେ ଜାଣିବା ଜରୁରୀ ବୋଲି କହିଥିଲେ। ବୈଠକ ହେବାର ସାତ ଦିନ ପୂର୍ବରୁ ଜନପ୍ରତିନିଧିମାନଙ୍କୁ ବୈଠକର ତାରିଖ ସମ୍ପର୍କରେ ସୂଚନା ଦେବା ନିୟମ ଥିଲେ ମଧ୍ୟ ବ୍ଲକ ପ୍ରଶାସନ ଗୋଟିଏ ଦିନ ପୂର୍ବରୁ ସୂଚନା ଦେଇଛନ୍ତି। ଫଳରେ ଅଧିକାଂଶ ଜନପ୍ରତିନିଧିମାନେ ବୈଠକରେ ଅନୁପସ୍ଥିତି ଥିଲେ ବୋଲି ଅଭିଯୋଗ ହୋଇଛି। କୋରମ ଅଭାବରୁ ବୈଠକ ସ୍ଥଗିତ କରାଗଲା ବୋଲି ଜିପିଇଓ ତ୍ରିଲୋଚନ ଛଞ୍ଚାଣ କହିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ସିଂ,ବିଡିଓ ସୁକାନ୍ତ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଭଗବାନ ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ନଭେମ୍ବର ୨୨ରେ ପୁଣିଥରେ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି।

# ଦୁର୍ଘଟଣାଗ୍ରସ୍ତ ଡିଜେଲ ଭର୍ତ୍ତି ଟ୍ୟାଙ୍କରରୁ ତେଲ ବୋହିନେଲେ ଲୋକେ



କୋରାପୁଟ, ୧୧।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାର କାକିରିଗୁମ୍ମା-ଦାମନଯୋଡି ରାସ୍ତାରେ ଶୁକ୍ରବାର ଅପରାହ୍ନରେ ଏକ ଡିଜେଲ ଭର୍ତ୍ତି ଟ୍ୟାଙ୍କର (ଓଡି-୩୩ଟି-୧୧୫୦) ଭିତରଗଡ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଟ୍ୟାଙ୍କରରୁ ପ୍ଲାଷ୍ଟିକ ବୋତଲ, ଜାର, ହାଣ୍ଡି ଓ ବାଲ୍‌ଟି ଧରି ତେଲ ବୋହି ନେଇଛନ୍ତି। କାକିରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଲୋକେ ଟ୍ୟାଙ୍କରର ଅର୍ଦ୍ଧାଧିକ ଡିଜେଲ ନେଇଯାଇଥିଲେ। ଘଟଣାସ୍ଥଳରେ ଥାନାଧିକାରୀ ଦାମୋଦର ବିହାରୀ, ଏସାଇ ଶଙ୍କର ତାଦୀଙ୍ଗୀ ଓ ଅନ୍ୟ କର୍ମଚାରୀ ପହଞ୍ଚି ଯାଞ୍ଚ କରିଥିଲେ।

# ମିଳିଲା ଜଳପ୍ରପାତରେ ଖସି ପଡ଼ିଥିବା ନାବାଳକଙ୍କ ମୃତଦେହ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୧।୧୧(ବି.ପ୍ର./ଡି.ଏନ୍.ଏ.)

**ସେଲ୍ଫି ନେବାବେଳେ ଖସି ପଡିଥିଲେ**

ଜଳ ପ୍ରପାତ ପାଖରେ ସେଲ୍ଫି ନେବାବେଳେ ଖସିପଡ଼ି ନିଖୋଜ ଥିବା କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ଡେଙ୍ଗପଦର ପଞ୍ଚାୟତ ଅଧୀନ କୃଷ୍ଣଗୁଡା ଗ୍ରାମର ହରିବନ୍ଧୁ ଗୌଡ଼ଙ୍କ ମୃତଦେହ ଶୁକ୍ରବାର ମିଳିଛି। ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ସୂଚନାନୁଯାୟୀ, ହରିବନ୍ଧୁ ଗୁରୁବାର ସାଙ୍ଗମାନଙ୍କ ସହ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ମଙ୍ଗରଦୋରାସ୍ଥିତ ଘୁମରେଶ୍ୱର ଶୈବ ପୀଠ ବୁଲିବାକୁ ଆସିଥିଲେ। ପାଖରେ ଥିବା ଘୁମର ଜଳ ପ୍ରପାତ ପାଖରେ ଫଟୋ ଉଠାଇବାବେଳେ ଅସାବଧାନତା ବଶତଃ ଖସିପଡି ନିଖିଜ ଥିଲେ। ତାଙ୍କ ସାଙ୍ଗମାନେ ହରିବନ୍ଧୁଙ୍କ ପରିବାର ତେନ୍ତୁଳିଖୁଣ୍ଟି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ଜଳ ପ୍ରପାତ ମଧ୍ୟରେ ଖୋଜାଖୋଗି କିଥିଲେ ମଧ୍ୟ ହରିବନ୍ଧୁଙ୍କର କୌଣସି ପତ୍ତା ମିଳି ନ ଥିଲା। ଶୁକ୍ରବାର ପୁଣି ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ ହରିବନ୍ଧୁଙ୍କ ମୃତଦେହ ମିଳିଥିଲା।

# କୁମୁଲିରେ ଏଟିଏମ୍ ସେବା ଆରମ୍ଭ

ବୋରିଗୁମ୍ମା, ୧୧।୧୧(ଡି.ଏନ୍.ଏ.)

ବୋରିଗୁମ୍ମା ବ୍ଲକ କୁମୁଲିରେ ଏସ୍‌ବିଆଇ ଏଟିଏମ୍ ସେବା ଆରମ୍ଭ ହୋଇଛି। ବୋରିଗୁମ୍ମା ବ୍ଲକ ସଦରରେ ହିଁ କେବଳ ଏଟିଏମ ସେବା ମିଳି ପାରୁଥିଲା। ଯାହା ଫଳରେ କୁମୁଲି ଅଞ୍ଚଳର ୧୫ ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଟଙ୍କା ଉଠାଣ ପାଇଁ ଅଞ୍ଚଳର ଲୋକଙ୍କୁ ବୋରିଗୁମ୍ମା କିମ୍ବା ପଡୋଶୀ ନବରଙ୍ଗପୁର




ଜିଲା ଉପରେ ନିର୍ଭର କରିବାପାଇଁ ପଡୁଥିଲା। ଚାଷୀ,ବ୍ୟବସାୟୀ, ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହେଉଥିବା ଲୋକେ ବୋରିଗୁମ୍ମା କିମ୍ବା ନବରଙ୍ଗପୁର ଏଟିଏମକୁ ଯାଇ ଅଯଥା ଖର୍ଚ୍ଚରେ ପଡୁଥିଲେ। କୁମୁଲି ବୋରିଗୁମ୍ମା ବ୍ଲକର ଅନ୍ୟତମ ବ୍ୟବସାୟିକ ପେଣ୍ଠସ୍ଥଳ ହେଇଥିବାରୁ ଏଠାରେ ଏଟିଏମ ସ୍ଥାପନ ନେଇ ବିଭିନ୍ନ ସମୟରେ ଅଞ୍ଚଳବାସୀ, ବୋରିଗୁମ୍ମା ସରପଞ୍ଚ ସଙ୍ଘ,କୁମୁଲି ଯୁବଗୋଷ୍ଠୀ, ରାଜନେତା,ବୁଦ୍ଧିଜୀବୀ ଦାବି କରିଥିଲେ। ଗତ ବର୍ଷ ଜୟପୁରର ଯୁବ ସମାଜ ସେବୀ ବସନ୍ତ ପାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥ ସଚିବଙ୍କୁ ପତ୍ର ଲେଖି ଏଟିଏମ୍ ସେବା ପ୍ରଦାନ କରିବା ପାଇଁ ଦାବି କରିଥିଲେ। ଏଟିଏମ ପ୍ରତିଷ୍ଠା ପରେ ବହୁ ବର୍ଷର ପ୍ରତୀକ୍ଷାର ଅନ୍ତ ହୋଇଛି ବୋଲି ଅଞ୍ଚଳବାସୀ କହିଛନ୍ତି।

# ଟ୍ରକ୍ ପଛପଟୁ ଧକ୍କାଦେଲା ବାଇକ୍, ୩ ମୃତ

ସେମିଳିଗୁଡ଼ା/ସୁନାବେଡ଼ା, ୧୧।୧୧ (ସ୍ୱ.ପ୍ର.)

**କ୍ଷତିପୂରଣ ଦାବିରେ ପରିବାର, ଗ୍ରାମବାସୀଙ୍କ ରାସ୍ତାରୋକୋ**

କୋରାପୁଟ ଜିଲା ସେମିଳିଗୁଡ଼ା-ନନ୍ଦପୁର ରୋଡ୍ ଜାନିଗୁଡ଼ାସ୍ଥିତ ସିଟମ କଲେଜ ନିକଟ ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ୍-ବାଇକ୍ ଦୁର୍ଘଟଣାରେ ୩ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ସେମିଳିଗୁଡ଼ା ବ୍ଲକ ପିତାଗୁଡ଼ା ପଞ୍ଚାୟତ ଜଗମପୁଟ ଗାଁର ରାଜମିସ୍ତ୍ରି ଅଜୟ ଚପାଡ଼ି(୧୯), ଧନ ଦେଉଳପାଡ଼ିଆ (୩୦) ଓ ରବି ଦେଉଳପାଡ଼ିଆ(୨୪)। ମୃତକଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଲୋକ ପ୍ରତିନିଧି ଓ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଶୁକ୍ରବାର ସକାଳୁ ରାସ୍ତାରୋକୋ ହଟିଥିଲା।

ମୃତକ ଅଜୟ, ଧନ ଓ ରବି ସେମିଳିଗୁଡ଼ାରୁ କାମ ସାରି ବାଇକ (ଓଡି-୧୦ଜି-୭୯୧୧) ଯୋଗେ ଘରକୁ ଫେରୁଥିବା ସମୟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ମାଲ ବୋଝେଇ ଟ୍ରକ୍ (ଓଡି-୦୫ଏଜେ-୩୬୩୩)କୁ ସେମାନଙ୍କ ଗାଡ଼ି ଧକ୍କା ଦେଇଥିଲା। ଏଥିରେ ଅଜୟ, ଧନ ଓ ରବି ଆହତ ହୋଇଥିଲେ। ଖବର ପାଇ ସେମିଳିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାରକରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲା। ସେ ସମୟରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ସେଠାରେ ବିକ୍ଷୋଭ କରିଥିଲେ। ସେମିଳିଗୁଡ଼ା ଥାନାଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର, ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଖବରପାଇ ପଟ୍ଟାଙ୍ଗୀ ବିଧାୟକ ପୀତମ ପାଢ଼ୀ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମ ଓ ପ୍ରଫୁଲ୍ଲ ପାଙ୍ଗୀ, ସମିତି ସଭ୍ୟ ସୁନ୍ଦର କୁଳଦୀପ ଘଟଣାସ୍ଥଳରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୋଲିସ ବ୍ୟବେଚ୍ଛଦ କରି ମୃତଦେହ ପରିବାର ଲୋକଙ୍କୁ ପଠାଇବା ବ୍ୟବସ୍ଥା କରିବ ବୋଲି ଥାନାଧିକାରୀ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ପୋଲିସ ଜବତ କରିଛି। ସେମିଳିଗୁଡ଼ା ଥାନାରେ କେସ୍ ନଂ. ୧୭୩/୨୨ ରେ ଏକ ମାମଲା ରୁଜୁ କରାଯାଇଛି।



ଲୋକ ପ୍ରତିନିଧିମାନେ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଉଛନ୍ତି ।

# ଜନସଚେତନ କାର୍ଯ୍ୟକ୍ରମ

ଦଶମନ୍ତପୁର, ୧୧।୧୧( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ଉତ୍କଳ ଗ୍ରାମ୍ୟବ୍ୟାଙ୍କ ପକ୍ଷରୁ ସାଇ କଲ୍ୟାଣୀ ମଣ୍ଡପରେ ଏକ ଜନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ବିଶ୍ୱଜିତ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ଷ୍ଟେଟ ବ୍ୟାଙ୍କ ଏଲ୍‌ଡିଏମ୍ ଲିଙ୍ଗରାଜ ସାହୁ ମୁଖ୍ୟ ଅତିଥି, ଓଏଲ୍‌ଏମ୍ ବଚ୍ଚକୃଷ୍ଣ ସ୍ୱାଇଁ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଦେବରାଜ ପଟ୍ଟନାୟ, ବ୍ୟାଙ୍କ ମିତ୍ର ସୁଜାତା ଚେଟୀ, କାମ କଂସାରୀଙ୍କ ସମେତ ୮ ପଞ୍ଚାୟତର ଶତାଧିକ ହିତାଧିକାରୀ ଯୋଗଦେଇଥିଲେ। ଉତ୍କଳ ଗ୍ରାମ୍ୟବ୍ୟାଙ୍କର ୩୦ ହଜାର ହିତାଧିକାରୀଙ୍କୁ ସେବା ସୁବିଧାରେ ଯୋଗାଇବା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଏ ଦିଗରେ କାମ କରିବାକୁ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ।




କର୍ମଶାଳାରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି ।

# ଜଳୁଥିବା କ୍ୟାବିନରୁ ନିଆଁ ଲିଭାଇଲା ପୋଲିସ

ତେନ୍ତୁଳିଖୁଣ୍ଟି, ୧୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଖାତିଗୁଡ଼ା ପୋଲିସ ନିଜ ଟିମ ସହ ପାଟ୍ରୋଲିଂ କରିବାକୁ ଯାଉଥିବାବେଳେ କୁକୁଡ଼ାବାଇ ଛକରେ ଏକ କ୍ୟାବିନ ଜଳୁଥିବା ଦେଖିଥିଲେ। ଏହାପରେ ପାଟ୍ରୋଲିଂ ଗାଡ଼ିରେ ଷ୍ଟାଫ୍‌ଙ୍କ ପାଇଁ ଥିବା ପାଣି ବ୍ୟବହାର କରି ପୋଲିସ ଉକ୍ତ ନିଆଁ ପୋଲିସ ଲିଭାଇଛି। କୁକୁଡ଼ାବାଇ ଅଞ୍ଚଳଟି ନବରଙ୍ଗପୁର ଥାନା ଅଧୀନରେ ଆସୁଥିବାରୁ ସେଠାକାର ଥାନାଧିକାରୀଙ୍କୁ ଖାତିଗୁଡ଼ା ଆଇଆଇସି ଦୀପକ ଲେଙ୍କା ଘଟଣା ସମ୍ପର୍କରେ ଜଣାଇଛନ୍ତି।

# ୪ କୋଟି ଟଙ୍କାରେ ହେବ ଧୋଡ୍ରା-ଉମରକୋଟ ରାସ୍ତା ମରାମତି

ଉମରକୋଟ, ୧୧।୧୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲାର ଧୋଡ୍ରାରୁ ଉମରକୋଟ ପର୍ଯ୍ୟନ୍ତ ପ୍ରାୟ ୧୦ କିଲୋମିଟର ରାସ୍ତା ମରାମତି ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଉପଲକ୍ଷେ ଧୋଡ୍ରାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ବିଜେଡି ସଂଯୋଜକ ପ୍ରମୋଦ କୁମାର ପାଢୀ, ବିଧାୟକଙ୍କ ଝରିଗାଁ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଗୌରାଙ୍ଗ ମାଝି, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁଙ୍କ ସମେତ ବହୁ ଜନ ପ୍ରତିନିଧି ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ୪ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ମରାମତି କାମ କରାଯିବ। ୩ ମାସ ମଧ୍ୟରେ ଏହା ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ଦୀର୍ଘ ଦିନ ଧରି ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିଲା। ବାଇକ ଓ ସାଇକେଲ ଆରୋହୀ ଏହି ରାସ୍ତା ଦେଇ ଯିବା ଆସିବା କରିପାରୁ ନ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ଫୁ

ନବରଙ୍ଗପୁର,୧୧।୧୧(ବି.ପ୍ର.)

**ନିର୍ଦ୍ଦେଶ ସତ୍ତ୍ୱେ ଡିଇଓଙ୍କୁ ଦିଆଯାଇନି ତଥ୍ୟ**

ସ୍କୁଲରେ ୬ମାସ ହେବ ଅନୁପସ୍ଥିତ ଥିବା ଶିକ୍ଷୟିତ୍ରୀଙ୍କ ତଥ୍ୟ ଦେବାକୁ ଜିଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ବିତିଲା ୧୦ ଦିନ। କିନ୍ତୁ ଏହା ଏବେ ଯାଏ ପାଳନ ହୋଇପାରିଲା ନାହିଁ। ତଦନ୍ତ ରିପୋର୍ଟ ଡିଇଓଙ୍କୁ ପଠାଯାଇନି। ୩ ତାରିଖ ସୁଦ୍ଧା ସମସ୍ତ ତଥ୍ୟ ସହ ଡିଇଓ ଅଫିସରେ ପହଞ୍ଚିବା ପାଇଁ ଜିଲା ଶିକ୍ଷାଧିକାରୀ ଚଳିତ ମାସ ୨ ତାରିଖ ଦିନ ଚିଠି ନମ୍ବର ୬୩୨୬/୨୦୨୨ରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଯାଏ କିନ୍ତୁ ତଥ୍ୟ ସବୁ ଜିଲା ଶିକ୍ଷା ବିଭାଗ ନିକଟରେ ଉପସ୍ଥାପନ କରାଯାଇ ନ ଥିବା ଜଣାପଡିଛି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ୫ଟି ଅଧିନ ଚଟା ସରକାରୀ ୟୁଜି ହାଇସ୍କୁଲର କ୍ଲାସିକାଲ ଶିକ୍ଷୟିତ୍ରୀ ମଧୁସ୍ମିତା ଦାସ ବିନା ଦରଖାସ୍ତରେ ଚଳିତ ବର୍ଷ ମେ' ୬ ତାରିଖରୁ ଅକ୍ଟବର ୩୧ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ବିପ୍ଳବିନୀ ମଲ୍ଲିକ ଅନୁପସ୍ଥିତ ବଦଳରେ ଶିକ୍ଷୟିତ୍ରୀ ମଧୁସ୍ମିତା ଉପସ୍ଥିତ ଥିବା ନେଇ ଡିଇଓ ଅଫିସିକୁ ରିପୋର୍ଟ ଦେଇଥିଲେ। ଫଳରେ ଶିକ୍ଷୟତ୍ରୀ ମଧୁସ୍ମିତା ନିୟମିତ ଭାବେ ୬ମାସର ଦରମା ପାଇଛନ୍ତି ବୋଲି ଏସ୍‌ଏମ୍‌ସି କମିଟି ସଭାପତି ଭଗବାନ ମାଝି ଡିଇଓଙ୍କୁ ମେଲ୍ ଯୋଗେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ୨ ତାରିଖ ଦିନ ଡିଇଓ ପ୍ରଧାନ ଶିକ୍ଷୟିତ୍ରୀବିପ୍ଳବିନୀ ମଲ୍ଲିକଙ୍କୁ ଷ୍ଟାଫ ଉପସ୍ଥାପନ ଖାତା ମାସିକ ବିଲର ରିଟର୍ଣ୍ଣ ଫାଇଲ କରିଥିବା ସମସ୍ତ ତଥ୍ୟ ବ୍ୟକ୍ତିଗତ ଭାବେ ଗୁରୁତର ସହ ଉପସ୍ଥାପନ କରିବାକୁ ଜଣାଇଥିଲେ ମଧ୍ୟ ଏବେ ଯାଏ ତଥ୍ୟ ଉପସ୍ଥାପନ କରାଯାଇନି ବୋଲି ଡିଇଓ ଅଫିସରୁ ଜଣାପଡିଛି। ଏନେଇ ପ୍ରଧାନଶିକ୍ଷୟତ୍ରୀଙ୍କୁ ତାଙ୍କ ମୋବାଇଲ ନମ୍ବର ୮୪୮୦୧୦୨୧୦୧ରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳ ନ ଥିଲା। ଚଟା ହୟୁଜି ହାଇସ୍କୁଲକୁ ଯାଇ ପଚାରିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଏକ ବୈଠକରେ ଯୋଗ ଦେବାକୁ ଯାଇଛନ୍ତି ବୋଲି ସୂଚନା ମିଳିଥିଲା। ଶିକ୍ଷୟତ୍ରୀ ମଧୁସ୍ମିତା ଜଏନ କରି ସାରିଲେଣି। ସେ ଡିଇଓଙ୍କ କାର୍ଯ୍ୟାଳୟକୁ ଯାଇଛନ୍ତି ବୋଲି ଅନ୍ୟ ଶିକ୍ଷକମାନେ କହିଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପଚାରିବାରୁ ଶିକ୍ଷୟିତ୍ରୀ ମଧୁସ୍ମିତା ଆସିନାହାନ୍ତି ବୋଲି କହିଥିଲେ। ଏହି ଘଟଣାକୁ ଗୁରୁତର ସହ ନେଇ ଜିଲା ପ୍ରଶାସନ ଓ ରାଜ୍ୟ ଗଣ ଶିକ୍ଷା ବିଭାଗ ସଚିବ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଏହାର ତଦନ୍ତ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ, ଥାନାରେ ଏତଲା

ମାଲକାନଗିରି,୧୧।୧୧(ସ୍ୱ.ପ୍ର.)- ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଏମ୍‌ପିଭି ୩୨ ଗ୍ରାମରେ ଜଣେ ନବ ବିବାହିତାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ଏ ନେଇ ବାପଘର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ମୃତ ମହିଳା ହେଲେ ଗାଁର ଅଜୟ ବୈରାଗୀଙ୍କ ସ୍ତ୍ରୀ ପିନାକୀ। ସୂଚନା ଅନୁଯାୟୀ, ୫ ମାସ ତଳେ ମାଲକାନଗିରି ଥାନା ଅଧୀନ ଏମ୍‌ଭି ୪୨ ଗ୍ରାମର ନିତ୍ୟାନନ୍ଦ ବିଶ୍ୱାସଙ୍କ ଝିଅ ପିନାକୀ ଏବଂ କାଲିମେଲା ଏମ୍‌ପିଭି ୩୨ ଗ୍ରାମର ଅଜୟ ବୈରାଗୀଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପିନାକୀଙ୍କ ଅଚାନକ ମୃତ୍ୟୁ ଘଟିଥିବା ବାପଘର ଲୋକେ ସୂଚନା ପାଇଥିଲେ। ଏହାକୁ ନେଇ ବାପଘର ଲୋକେ ମୃତ୍ୟୁର କାରଣ ନେଇ ସନ୍ଦେହ ପ୍ରକାଶ କରିବା ସହ ତଦନ୍ତ ନିମନ୍ତେ କାଲିମେଲା ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ଭବାନୀ ଶଙ୍କର ସାହୁ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ କହିଛନ୍ତି।

### ଆନ୍ଧ୍ରରୁ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ

ମାଲକାନଗିରି,୧୧।୧୧(ସ୍ୱ.ପ୍ର.)- ନୂଆରେ ବିବାହ କରିଥିଲେ। ପରିବାରର ଆର୍ଥିକ ସ୍ଥିତି ଖରାପ ଯୋଗୁ ଆନ୍ଧ୍ର ପ୍ରଦେଶରେ ଶ୍ରମିକ ଭାବରେ କାମ କରିବାକୁ ଯାଇଥିଲେ। ହେଲେ କାମ କରୁଥିବା ସ୍ଥାନରେ ଶୁକ୍ରବାର ତାଙ୍କର ଝୁଲନ୍ତା ମୃତଦେହ ଠାବ ହୋଇଛି। ମୃତକ ହେଲେ ମାଲକାନଗିରି ଜିଲା ଏମ୍‌ଭି ୭୯ ଥାନା ଟିଗଲ ପଞ୍ଚାୟତ ଅଧୀନ ଏମ୍‌ପିଭି ୬୫ ୪ ନଂ. ପଡ଼ା ଗ୍ରାମର ଠାକୁର ମିସ୍ତ୍ରିଙ୍କ ପୁଅ ମିଥୁନ। ସୂଚନା ଅନୁଯାୟୀ, ମିଥୁନ କିଛି ଦିନ ହେଲା ଆନ୍ଧ୍ର ପ୍ରଦେଶର ମିଆଁପୁରଠାରେ କୋଠା ନିର୍ମାଣ କାମରେ ନିୟୋଜିତ ଥିଲେ। ରାତିରେ ନିର୍ମାଣାଧୀନ କୋଠାର ୧୨ ମହଲା ଉପରେ ବେକରେ ଗାମୁଛା ଲଗାଇ ସେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସକାଳେ ଅନ୍ୟ ଶ୍ରମିକମାନେ କାର୍ଯ୍ୟସ୍ଥଳକୁ ଯାଇଥିବାବେଳେ ମିଥୁନଙ୍କ ମୃତଦେହ ଦେଖିଥିଲେ। କିଛି ସପ୍ତାହ ତଳେ ମିଥୁନ ବିବାହ କରିଥିଲେ। ସ୍ତ୍ରୀଙ୍କୁ ଛାଡ଼ି ପଡ଼ୋଶୀ ରାଜ୍ୟକୁ କାମ କରିବା ପାଇଁ ଯାଇଥିଲେ। ହଠାତ୍ ପରିବାର ଲୋକେ ମୃତ୍ୟୁ ଖବର ପାଇ ପରିବାର ଲୋକ ଆନ୍ଧ୍ରକୁ ଯାଇଛନ୍ତି। ମିଥୁନ ଆତ୍ମହତ୍ୟା କରିଛନ୍ତି ନାଁ କାର୍ଯ୍ୟସ୍ଥଳରେ ତାଙ୍କ ସହ ଆଉ କିଛି ଘଟିଥିଲା ତାହା ଅସ୍ପଷ୍ଟ ରହିଛି।

### ଭାଇ ମୃତ୍ୟୁ ପାଇଁ ସ୍ୱାମୀଙ୍କୁ ଦାୟୀ କରି ଏତଲା

ମାଲକାନଗିରି,୧୧।୧୧(ଡି.ଏନ୍.ଏ.)- ଭାଇଙ୍କ ମୃତ୍ୟୁ ପାଇଁ ସ୍ୱାମୀଙ୍କୁ ଦାୟୀ କରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାଥିଲି ଥାନାରେ ଏଭଳି ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲା ମାଥିଲି ବିଏଲ୍‌କେ ସଦର ସ୍ଥିତ ହାଟପଦା ଅଞ୍ଚଳର ଜଣେ ଆଇନଜୀବୀ କିଛି ବର୍ଷ ତଳେ ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। କିଛିବର୍ଷ ଦମ୍ପତିଙ୍କ ବୈବାହିକ ଜୀବନ ଖୁସିରେ କଟିଥିଲା। ହେଲେ କିଛି ମାସ ହେଲା ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏହାପରେ ସ୍ୱାମୀଙ୍କର ନିର୍ଯାତନା ବଢୁଥିବା ମହିଳା ଅଭିଯୋଗ କରିଛନ୍ତି। ଏମିତିକି ମହିଳା ନିଜ ଭାଇଙ୍କ ମୃତ୍ୟୁ ପାଇଁ ନିଜ ସ୍ୱାମୀଙ୍କୁ ଦାୟୀ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ସହ ମାଥିଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ରହିଥିବା କହିବା ସହ କେତେଜଣ ବ୍ୟକ୍ତିଙ୍କ ନାମ ନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିବା ଜଣାପଡ଼ିଛି। ଏ ନେଇ ମାଥିଲି ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ମହିଳା ଥାନାରେ ଏତଲା ଦେଇଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ କହିଛନ୍ତି।

### ବୃଦ୍ଧ ନିଖୋଜ ନେଇ ଥାନାରେ ଏତଲା



ଟିକିରି,୧୧।୧୧ (ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୁଡୁକାବାହାଲ ପଞ୍ଚାୟତ ମଇଲିଗୁଡ଼ା ଗ୍ରାମର ଜଣେ ବୃଦ୍ଧ ୫ ଦିନ ହେଲା ନିଖୋଜ ଅଛନ୍ତି। ରଷି ନଭେମ୍ବର ୭ ରେ ରାୟଗଡ଼ା ଯାଉଛି କହି ଘରରୁ ବାହାରିଥିଲେ। ହେଲେ ଏହା ପରଠାରୁ ସେ ଘରକୁ ଫେରିନାହାନ୍ତି। ପରିବାର ଲୋକେ ନିଜ ସମ୍ପର୍କୀୟଙ୍କୁ ପଚାରିବା ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହୋଇଛନ୍ତି। ରଷିଙ୍କ ପୁଅ ଆନନ୍ଦ ଶୁକ୍ରବାର ଟିକିରି ଥାନାରେ ବାପାଙ୍କ ନିଖୋଜ ନେଇ ଏତଲା ଦେଇଛନ୍ତି। ପୋଲିସ ଅନୁସନ୍ଧାନ ଚଳାଇଥିବା ପ୍ରକାଶ କରିଛି।

# କାଶୀପୁର ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବଡ଼ ଦୁର୍ନୀତି

ରାୟଗଡ଼ା ଅଫିସ,୧୧।୧୧

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବଡ଼ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ରାସ୍ତା, ଗାର୍ଡୱାଲ ଏବଂ କଲଭର୍ଟ ପାଇଁ ଆସିଥିବା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରାଯାଇଛି। ଏ ନେଇ ରାୟଗଡ଼ା ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓମ୍ବୁଡ୍‌ସମ୍ୟାନ ଲକ୍ଷ୍ମୀନାରାୟଣ ପାଢ଼ୀ ତଦନ୍ତ କରି ଜିଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିବା ସୂଚନା ମିଳିଛି। ଯୋଜନାରେ ଟଙ୍କା ଆସିବା ସହ ବିଲ୍ ମଧ୍ୟ ହେଉଛି। ହେଲେ କାମ ନ କରି ଦୁର୍ନୀତି କରାଯାଇଥିବା ଜଣାପଡ଼ିଛି। ଏହି ଦୁର୍ନୀତିରେ ପଞ୍ଚାୟତର ଜିଆର୍‌ଏସ୍, ପିଇଓ ଏବଂ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସମସ୍ତେ ସାମିଲ ଥିବା ମଧ୍ୟ ରିପୋର୍ଟରୁ ଜଣାପଡ଼ିଛି।

ପ୍ରକାଶଯୋଗ୍ୟ, କାଶୀପୁର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଆମ୍ବଚାଷ ଏବଂ କାଜୁଚାଷକୁ ନେଇ ଜଳଛାୟା ଏବଂ ଉଦ୍ୟାନ ବିଭାଗ ଦୁର୍ନୀତିକୁ ଲୁଚାଇବାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାଶୀପୁର ବ୍ଲକରେ କାମ ବନ୍ଦ କରିଥିବା ବେଳେ ଏବେ ଗାର୍ଡୱାଲ, ରାସ୍ତା ଏବଂ କଲଭର୍ଟ କାମରେ ମଧ୍ୟ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଜିଲା ପରିଷଦ ଅଧୀନରେ ଆସିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନ୍ତର୍ଗତ ବିଭିନ୍ନ କାମରେ ଦୁର୍ନୀତି ପଦାକୁ ଆସିଛି। ଏ ନେଇ ଅଭିଯୋଗ ପାଇବା ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା



ମୁନୁସ୍ ପଞ୍ଚାୟତର ବଡଚେକନା ଗ୍ରାମରେ ନିର୍ମିତ ଗାଡୱାଲ

ଓମ୍ବୁଡ୍‌ସମ୍ୟାନ ତଦନ୍ତ ଆରମ୍ଭ କରିଥିଲେ। ସେହି ଅନୁଯାୟୀ, କାଶୀପୁର ବ୍ଲକ ମୁନୁସ୍ ପଞ୍ଚାୟତ ଅନ୍ତର୍ଗତ ବଡ଼ଚେକନା ଗ୍ରାମରେ ୩ ପୃଥକ୍ ୱାର୍କ ଅର୍ଡରରେ ବିନା କାର୍ଯ୍ୟରେ ବିଲ୍ କରାଯାଇ ଦୁର୍ନୀତି କରାଯାଇଥିବା ଜଣାପଡ଼ିଛି। ବଡ଼ଚେକନା ଗ୍ରାମ ଘାସିସାହିଠାରୁ ଚଞ୍ଚଡ଼ାଗୁଡ଼ା ପର୍ଯ୍ୟନ୍ତ ଗାର୍ଡୱାଲ ନିର୍ମାଣ ପାଇଁ ୱାର୍କ ଅର୍ଡର ହୋଇଥିଲା। ଏହି କାର୍ଯ୍ୟରେ ମଜୁରି ବାବଦକୁ ୨ ଲକ୍ଷ ୯ ହଜାର ୯ ଶହ ୩୯ ଟଙ୍କା ଏବଂ ବିଭିନ୍ନ ସାମଗ୍ରୀ ବାବଦକୁ ୨୭ ହଜାର ୨୨୨ ଟଙ୍କା ହିସାବରେ ମୋଟ ୨, ୩୭

**ମିଥ୍ୟା ୱାର୍କଅର୍ଡର, ଜାଲ୍ ବିଲ୍‌: ୧୦ ଲକ୍ଷ ଟଙ୍କା ହଡ଼ପ**

,୧୬୧ ଟଙ୍କା ଖର୍ଚ୍ଚ ହୋଇଥିବା ବିଲ୍‌ରେ ଦର୍ଶାଯାଇଛି। ସେହିଭଳି ବଡ଼ଚେକନା ଗ୍ରାମର ଲଟକିମସ୍କାଠାରେ ହୋଇଥିବା ରାସ୍ତା ଏବଂ ଗାର୍ଡୱାଲ୍ କାମରେ ମଜୁରି ବାବଦକୁ ୧,୫୮, ୨୪୦ଟଙ୍କା ଖର୍ଚ୍ଚ ହୋଇଥିବା ବିଲ୍‌ରେ ଦର୍ଶାଯାଇଥିବା ବେଳେ ଏଠାରେ ସାମଗ୍ରୀ ବ୍ୟବହାର ହୋଇ ନ ଥିବା ଦର୍ଶାଯାଇଛି। ତେବେ ବିନା ସାମଗ୍ରୀରେ କିଭଳି କାମ ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ବଡ଼ଚେକନା ଗ୍ରାମ ବାମନଖୋଲାଠାରେ ରାସ୍ତା ମରାମତି ଏବଂ ଗାର୍ଡୱାଲ ନିର୍ମାଣ ପାଇଁ ମଜୁରି ବାବଦକୁ ୩ ,୪୮ , ୭୯୬ ଟଙ୍କା ଏବଂ ସାମଗ୍ରୀ ବାବଦକୁ ୨,୮୧, ୯୬୩ ଟଙ୍କା ହିସାବରେ ମୋଟ ୬,୩୦, ୭୫୯ ଟଙ୍କା ଖର୍ଚ୍ଚ ହୋଇଥିବା ବିଲ୍‌ରେ ଦର୍ଶାଯାଇଛି। ହେଲେ ତଦନ୍ତ ବେଳେ କୌଣସି ସ୍ଥାନରେ ଗୋଟିଏ ମଧ୍ୟ କାମ ନ ହୋଇ ମିଥ୍ୟା ବିଲ୍ କରାଯାଇଥିବା ଜଣାପଡ଼ିଛି। ଏହି ଦୁର୍ନୀତିରେ ମୁନୁସ୍ ପଞ୍ଚାୟତର ଗ୍ରାମରୋଜଗାର ସେବକ ମାଗତା ନାୟକ, କନିଷ୍ଠ ଯନ୍ତ୍ରୀ ବବଲୁ ହେମ୍ବ୍ରମ୍, କାଶୀପୁର ବ୍ଲକ ଏପିଓ ନବୀନ ପଟ୍ଟନାୟକ ଏବଂ ମୁନୁସ୍ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପାଲ ପ୍ରମୁଖ ମିଥ୍ୟା ୱାର୍କ ଅର୍ଡର କରି ଚତୁରତାର ସହ ୧୦, ୨୬, ୧୬୦ ଟଙ୍କା ହଡ଼ପ କରିଥିବା ଜଣାପଡ଼ିଛି। ଏଥିସହ ଅନୁସୂଚିତ ଜାତି ଏବଂ ଜନଜାତି ଅଞ୍ଚଳର ବିକାଶ ପାଇଁ ଆସିଥିବା ଟଙ୍କାରେ ଦୁର୍ନୀତି କରାଯାଇଥିବା ନେଇ ଓମ୍ବୁଡ୍‌ସମ୍ୟାନ୍‌ଙ୍କ ତଦନ୍ତରୁ ସୂଚନା ମିଳିଛି। ଏପରିକି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମ ଅନୁଯାୟୀ, କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ହୋଇଥିବା ବେଳେ କୌଣସି ଫଳକ ଲଗାଯାଇନାହିଁ। ଏହି କାର୍ଯ୍ୟରେ ହୋଇଥିବା ଦୁର୍ନୀତି ନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସରକାରୀ ୱେବ୍‌ସାଇଟ୍ ସହ ସମସ୍ତ ନଥିପତ୍ରରେ ମିଥ୍ୟା ତଥ୍ୟ ଦିଆଯାଇଥିବା ନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ପ୍ରକଳ୍ପ ସଂଯୋଜକ ତଥା ଜିଲାପାଳଙ୍କୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ଏ ନେଇ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀଙ୍କୁ ପଚାରିବାରୁ କାଶୀପୁର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ହେଉଛି ଏବଂ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

କାଶୀପୁର ବ୍ଲକରେ ଏଭଳି ବିଭିନ୍ନ ଦୁର୍ନୀତି ନେଇ ବାରମ୍ବାର ଅଭିଯୋଗ ଆସୁଛି। କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପଛୁଆ କାଶୀପୁର ବ୍ଲକରେ ବିକାଶ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି ।






@ ଗଗନ



@ ଜଗନ୍ନାଥ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ

ମାଲକାନଗିରି,୧୧।୧୧(ଡି.ଏନ୍.ଏ.)

**ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ଲାଞ୍ଚ ମାଗିବା ଘଟଣା**

ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ବିଭାଗରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ଲାଞ୍ଚ ମଗାଯାଉଥିବା ଅଭିଯୋଗରେ ଶୁକ୍ରବାର ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ଲାଞ୍ଚ ମଗାଯାଉଥିବା ଜିଲାର ଅନେକ ଯୁବତୀଯୁବକ ଅଭିଯୋଗ କରିଥିଲେ। ତେବେ ଏହି ଅର୍ଥ କାରବାରରେ ଜଣେ କାର୍ଯ୍ୟରତ ଷ୍ଟାଫ୍‌ନର୍ସ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହି ଲାଞ୍ଚ କାରବାରର ଦୁଇଟି ଅଡିଓ ମଧ୍ୟ ଭାଇରାଲ ହୋଇଛି। ଗୋଟିଏରେ ଜଣେ ଫାର୍ମାସିଷ୍ଟ ଓ ଜଣେ ଚାକିରି ଆଶାୟୀ କଥା ହେଉଥିବା ସହ ସେଥିରେ ସମ୍ପୃକ୍ତ ଫାର୍ମାସିଷ୍ଟ ଖୋଲାଖୋଲି ଅର୍ଥ ମାଗୁଥିବା ଶୁଣିବାକୁ ମିଳିଛି। ସେହିପରି ଅନ୍ୟଟିରେ ଏମ୍‌ଭି ୪୧ ଗ୍ରାମର ଜଣେ କ୍ୱାକ୍ କେତେଜଣ ପିଲାଙ୍କଠାରୁ ଟଙ୍କା ନେଇ ଚାକିରି କରାଇ ଦେବେ ବୋଲି କହିବା ସହ ଉକ୍ତ ଫାର୍ମାସିଷ୍ଟଙ୍କ ଦ୍ୱାରା ହିଁ ଚାକିରି ହୋଇଯିବ କହୁଥିବା ଶୁଣିବାକୁ ମିଳିଛି। କେବଳ ଏତିକି ନୁହେଁ, ଆଉ ଜଣେ ସ୍ଥାନୀୟ ବୁଦ୍ଧିଜୀବୀ ରମେଶ ପଟ୍ଟନାୟକ ମଧ୍ୟ ଏ ନେଇ ଖୋଲାଖୋଲି ଅଭିଯୋଗ କରିଛନ୍ତି। ସେ ନିଜର ଜଣେ ସମ୍ପର୍କୀୟଙ୍କ ପାଇଁ ଚାକିରି ଲାଗି ଶକ୍ତି ସିକ୍ୟୁରିଟି ଏଜେନ୍ସିରେ ଆବେଦନ କରିଥିଲେ। ଏଥିରେ ଲାଞ୍ଚ ଆକାରରେ ଟଙ୍କା ମଗାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ୪୬ ଲକ୍ଷ ଟଙ୍କା ଲାଞ୍ଚ ଆକାରରେ ନିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲା ପ୍ରଶାସନ ତତ୍ପରତା ଦେଖାଇବା ସହ ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ଏକ ଟିମ୍ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

### ୩ ବଖରା ଜଳିଗଲା

ବୁଗୁଡା,୧୧।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମର ଗଳିସାହିରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଆଶାଲତା ପ୍ରଧାନ, ରେଣୁ ଜେନା ଓ ଚୁନି ପ୍ରଧାନଙ୍କ ଗୋଟିଏ ଲେଖାଏ ବଖରା ଜଳିଯାଇଛି। ପୂର୍ବାହ୍ନରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ତିନି ଜଣଙ୍କ ଘର ପୋଡ଼ିଯାଇଥିଲା। ଏଥି ସହିତ ଉକ୍ତ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଥିବା ଜଣାପଡିଛି। ବୁଗୁଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଯାଇ ପରିସ୍ଥିତି ଅନୁଧ୍ୟାନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୁଗୁଡା ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର କୁମାର ସାହୁ କ୍ଷତିଗ୍ରସ୍ତ ପରିବାରକୁ ପାଲ ଯୋଗାଇଥିଲେ।

# ମାଲକାନଗିରି ବେଙ୍ଗଲୀ ସମାଜର ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି, ୧୧।୧୧(ଡି.ଏନ୍.ଏ./ସ୍ୱ.ପ୍ର.)

ସାହିତ୍ୟ ଓ ସଂସ୍କୃତିର ଉତ୍ଥାନ ଓ ମାନବିକତାର ସମ୍ମାନର ମନ୍ତ୍ର ନେଇ ପ୍ରତିଷ୍ଠା କରାଯାଇଥିବା ଅଣ ରାଜନୈତିକ ସଙ୍ଗଠନ ମାଲକାନଗିରି ବେଙ୍ଗଲୀ ସମାଜର ଷଷ୍ଠ ତମ ପ୍ରତିଷ୍ଠା ଦିବସ ଓ ପଞ୍ଚମ ବାର୍ଷିକ ସାଧାରଣ ସଭା ପୋଟେରୁ ସ୍ଥିତ ହରିମନ୍ଦିରଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ଭାବେ ନିଖିଳ ଭାରତ ବେଙ୍ଗଲି ସମନ୍ୱୟ ସମିତିର ସର୍ବଭାରତୀୟ ସଭାପତି ସୁବୋଧ ବିଶ୍ୱାସ, ମାଲକାନଗିରି ବେଙ୍ଗଲି ସମାଜର ସଭାପତି ଗୌରାଙ୍ଗ କର୍ମକାର, ସମ୍ପାଦକ ନିହାର ରାୟ, ସଙ୍ଗଠନ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ନିମାଇଁ ସରକାର, ଜିଲା ଉପଦେଷ୍ଟା ତପନ କୁମାର ସାନା, ସଙ୍ଗଠକ ସ୍ୱପନ କୀର୍ତ୍ତନିଆ, ପ୍ରବକ୍ତା ସୁନୀଲ ବିଶ୍ୱାସ, କୋର୍ କମିଟି ସଦସ୍ୟ କମଲେଶ ରାୟ, ଉତ୍ତମ ଓଝା, ପ୍ରହ୍ଲାଦ ବାସୁ, ସଞ୍ଜୟ ସରକାର ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ସଭାରେ ଏଠାରେ ବସବାସ କରୁଥିବା ବେଙ୍ଗଲି ସମ୍ପ୍ରଦାୟଙ୍କ ମଧ୍ୟରେ ଓଡ଼ିଆ ସହିତ ମାତୃଭାଷା ବଙ୍ଗଳାର ପ୍ରଚଳନ ଏବଂ ପୁନରୁଦ୍ଧାର, ଏ ପର୍ଯ୍ୟନ୍ତ ଏମ୍‌ଭି ଓ ଏମ୍‌ପିଭି ଗ୍ରାମ ହିସାବରେ ପରିଚିତ ପ୍ରତ୍ୟେକ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା, ଭୂମିହୀନ ପରିବାରକୁ ଅତି କମ୍‌ରେ ୪ ସେଣ୍ଟ ଜାଗା ଯୋଗାଇବା, ସମସ୍ତ ରାଜନୀତି ଓ ସାମ୍ପ୍ରଦାୟିକ ସଂଘାତରୁ ଦୂରତ୍ୱ ରକ୍ଷା କରିବା ଏବଂ ସର୍ବଶେଷରେ ମାଲକାନଗିରିର ଆଦିବାସୀ ତଥା ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ସହ ସହଯୋଗ ଓ ସମନ୍ୱୟ ରକ୍ଷାକରି ଜିଲାକୁ ଉନ୍ନତିର ଚରମ ସୋପାନରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୋର୍ କମିଟିର ମୁଖ୍ୟ ଗୋପାଳ ଚନ୍ଦ୍ର ବିଶ୍ୱାସ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।




ପ୍ରତିଷ୍ଠା ଦିବସରେ ଏକାଠି ହୋଇଥିବା ବେଙ୍ଗଲୀ ସମାଜର ସଦସ୍ୟ ।

# କୁକୁଡ଼ାଗାଳିରେ ମଦ, ଜୁଆକୁ ବିରୋଧ

ମାଲକାନଗିରି,୧୧।୧୧(ଡି.ଏନ୍.ଏ./ସ୍ୱ.ପ୍ର.)

କୁକୁଡ଼ାଗାଳିରେ ମଦ, ଜୁଆ ଖେଳକୁ ବିରୋଧ କରି ମାଲକାନଗିରି ଜିଲା ସଦର ଥାନା ଅଧୀନ ତମସା ପଞ୍ଚାୟତବାସୀ ଶୁକ୍ରବାର ଏସ୍‌ପି ନିତିଶ୍ ୱାଧ୍ୱାନୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତମସା ପଞ୍ଚାୟତର ତମସା, ବଇଲାପାରୀ ଓ ଦରିଗୁଡ଼ାରେ ପ୍ରତ୍ୟେକ ସପ୍ତାହରେ କୁକୁଡ଼ାଗାଳି ଅନୁଷ୍ଠିତ ହେଉଛି। ଏଥିରେ ଶତାଧିକ ଲୋକ କୁକୁଡ଼ା ଲଢ଼େଇ କରାଯିବା ସହ ଏହି ଗାଳିରେ ପ୍ରଚୁର ପରିମାଣରେ ଜୁଆଖେଳ, ଖୁଡୁଖୁଡ଼ି ଏବଂ ଦେଶୀମଦ ବିକ୍ରି ହେଉଛି। ଫଳରେ ନିରୀହ ଆଦିବାସୀ ସେମାନଙ୍କ ଦୈନନ୍ଦିନ କଷ୍ଟାର୍ଜିତ ଅର୍ଥ ଜୁଆଖେଳରେ ହାରିବା ସହ ମଦ୍ୟପାନ କରି ନିଶାଗ୍ରସ୍ତ ଅବସ୍ଥାରେ ଗଣ୍ଡଗୋଳ କରୁଛନ୍ତି। ଏହି ଜୁଆଖେଳ ଓ କୁକୁଡ଼ା ଗାଳିକୁ ଛାତ୍ରୀଛାତ୍ର ଆସୁଥିବାରୁ ତାଙ୍କ ଶିକ୍ଷାରେ ବାଧା ସୃଷ୍ଟି ହେବା ସହ କୁପଥଗାମୀ



ଏସ୍‌ପିଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ଗ୍ରାମବାସୀ ।

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ**

ହେଉଛନ୍ତି। ଜୁଆଖେଳ ଓ ଖୁଡୁଖୁଡ଼ି ଖେଳ ଆୟୋଜନ କରୁଥିବା ଲୋକଙ୍କୁ ବାରଣ କରିବା ସତ୍ତ୍ୱେ ସେମାନେ ମାନୁନାହାଁନ୍ତି। ଓଲଟା ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏ ବିଷୟରେ ଗତମାସରେ ମାଲକାନଗିରି ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ତମସା ସରପଞ୍ଚ ଗୀତା ପଡିଆମିଙ୍କ ସହ ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ।

# ରାୟଗଡ଼ା ଜିଲାରେ କ୍ରୀଡ଼ାର ବିକାଶକୁ ଗୁରୁତ୍ୱ

ରାୟଗଡ଼ା ଅଫିସ,୧୧।୧୧

- ୧୯ ବର୍ଷ ପରେ ଗଠନ ହେବ ନୂତନ କ୍ରୀଡ଼ା କମିଟି
- ସମସ୍ତ ବ୍ଲକରେ ନିର୍ମାଣ ହେବ ମିନି ଷ୍ଟାଡିୟମ

ରାୟଗଡ଼ା ଜିଲା କ୍ରୀଡ଼ା କମିଟିର ଏକ ବୈଠକ ଡିଆର୍‌ଡିଏ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବରୁ ରହିଥିବା କ୍ରୀଡ଼ା କମିଟି ଭଙ୍ଗ କରାଯାଇ ନୂତନ କମିଟି ଗଠନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲାପାଳ ସ୍ୱାଧା ଦେବ ସିଂ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଉପଜିଲାପାଳ ଭୀମସେନ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ କ୍ରୀଡ଼ାର ବିକାଶ ଏବଂ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିବା ମିନି ଷ୍ଟାଡିୟମଗୁଡ଼ିକର କାମ ଶୀଘ୍ର ଆରମ୍ଭ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଜିଲାର ଆଦିବାସୀ ଯୁବତୀ ଯୁବକଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଦୀର୍ଘ ୧୯ ବର୍ଷ ଧରି ଜିଲାରେ କ୍ରୀଡ଼ା କମିଟିର ନିର୍ବାଚନ ହୋଇ ନ ଥିବାବେଳେ କୌଣସି ବୈଠକ ମଧ୍ୟ ହୋଇନାହିଁ। ଏହାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମନ୍ତ୍ରୀ ବୈଠକରେ ଉପସ୍ଥିତ ରହି ରାଜ୍ୟ ସରକାର କ୍ରୀଡ଼ାକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ଜିଲାରେ କିପରି କ୍ରୀଡ଼ାର ବିକାଶ ହେବ ଏବଂ ଅଧିକ କ୍ରୀଡ଼ାବିତ ସୃଷ୍ଟି ହୋଇପାରିବେ ସେ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି କ୍ରୀଡ଼ା କମିଟିର ନିଷ୍କ୍ରିୟତାକୁ ନେଇ ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ଜିଲାର ବିଭିନ୍ନ ବ୍ଲକରେ ମିନି ଷ୍ଟାଡିୟମ କାମ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ସେଗୁଡ଼ିକୁ ସମ୍ପୂର୍ଣ୍ଣ କରାଯିବା ସହ ଗ୍ରାମାଞ୍ଚଳର କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିବାକୁ ସମସ୍ତ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମାସେ ମଧ୍ୟରେ ନୂତନ କମିଟି ଗଠନ ନିମନ୍ତେ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା କ୍ରୀଡ଼ା ସଂଘର ପୂର୍ବତନ ଯୁଗ୍ମ ସମ୍ପାଦକ ରାଧାକୃଷ୍ଣ ଦଳେଇ ସୂଚନା ଦେଇଛନ୍ତି। ନୂତନ ଜିଲାପାଳ କ୍ରୀଡ଼ାକୁ ଗୁରୁତ୍ୱ ଦେଉଥିବାରୁ କ୍ରୀଡ଼ାବିତଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ଅବ୍ୟବସ୍ଥାରେ ରେଲ୍‌ୱେ ପାର୍କିଂସ୍ଥଳ

ରାୟଗଡ଼ା ଅଫିସ,୧୧।୧୧

ରାୟଗଡ଼ା ରେଲଷ୍ଟେଶନ ପାର୍କିଂସ୍ଥଳରେ ବିଭିନ୍ନ ଅବ୍ୟବସ୍ଥା ଲାଗିରହିଛି। ଷ୍ଟେଶନ ପରିସରରେ ଥିବା ଦେୟଯୁକ୍ତ ପାର୍କିଂ ସ୍ଥଳରେ ସିସି କ୍ୟାମେରା ନାହିଁ। ପାର୍କିଂସ୍ଥଳରେ ଗାଡ଼ି ରଖିବା ସ୍ଥାନରେ ଛାତ ନାହିଁ। ସେହିପରି ହେଲ୍‌ମେଟ ରଖିବାକୁ ବେଆଇନ ଭାବେ ୧୦ ଟଙ୍କା ଆଦାୟ କରାଯାଉଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଦୂର ସ୍ଥାନକୁ ଯାଉଥିବା ଯାତ୍ରୀ ଷ୍ଟେଶନ ନିକଟରେ ଥିବା ପାର୍କିଂସ୍ଥଳରେ ଗାଡ଼ି ରଖି ଯାଇଥାନ୍ତି। ଏଠାରେ ଦୁଇଚକିଆ ସହ ଚାରିଚକିଆ ଗାଡ଼ି ମଧ୍ୟ ପାର୍କିଂ କରାଯାଉଛି। ହେଲେ ଗାଡ଼ିଗୁଡ଼ିକ ରଖିବା ପାଇଁ ପାର୍କିଂସ୍ଥଳରେ ଛାତ ନ ଥିବାରୁ ଖୋଲରେ ରହୁଛି। ଫଳରେ ଗାଡ଼ିଗୁଡ଼ିକର ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅନେକ ସମୟରେ ଦୁଇଚକିଆ ଗାଡ଼ିରୁ ପେଟ୍ରୋଲ କମିଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ୨୦୨୨ ନଭେମ୍ବର ୨ ରୁ ୨୦୨୫ ନଭେମ୍ବର ୧ ପର୍ଯ୍ୟନ୍ତ ସିଦ୍ଧୁ ଚୌଧରୀ ମଲ୍ଟି ପାର୍କିଂ ସର୍ଭିସେସ୍‌ର ୟାରମ୍ ବାଜିବାବୁ ଟେଣ୍ଡର ପାଇଛନ୍ତି। ପରିଚାଳନା ସଂସ୍ଥା ନୂତନ ଭାବେ ଦାୟିତ୍ୱ ପାଇଥିଲେ ମଧ୍ୟ ପାର୍କିଂ ବ୍ୟବସ୍ଥାରେ କୌଣସି ଉନ୍ନତି ଘଟିନାହିଁ। ପୂର୍ବଭଳି ବିନା ସିସି କ୍ୟାମେରାରେ ଗାଡ଼ି ଗୁଡ଼ିକୁ ରଖାଯାଉଛି। ଗାଡ଼ିଗୁଡ଼ିକ ଚୋରି ହେଲେ କିମ୍ବା ଅନ୍ୟ କ୍ଷତି ଘଟିଲେ ସିସି କ୍ୟାମେରା ନ ଥିବାରୁ ପ୍ରମାଣିତ ହୋଇପାରୁନାହିଁ। ପେଟ୍ରୋଲ ଚୋରି ହେଲେ ମଧ୍ୟ ଜଣାପଡୁ ନ ଥିବା ଗାଡ଼ି ପାର୍କିଂ କରିଥିବା ଏମ୍. ସତୀଶ(୩୦)ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଏଠାରେ ଗାଡ଼ି ରଖିବା ସମୟରେ ହେଲ୍‌ମେଟ ରଖିବାକୁ ୧୦ ଟଙ୍କା ଦାବି କରାଯାଉଛି। ପାର୍କିଂସ୍ଥଳରେ ଲାଗିଥିବା ଦର ତାଲିକାରେ ହେଲ୍‌ମେଟ ରଖିବା ବାବଦକୁ ଦର ଉଲ୍ଲେଖ ନ ଥିବା ବେଳେ ବେଆଇନ ଭାବେ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି।

- ସିସି କ୍ୟାମେରା, ୪ ଚକିଆ ଯାନ ପାଇଁ ଛାତ ନାହିଁ
- ଦର ତାଲିକାରେ ନ ଥାଇ ନିଆଯାଉଛି ହେଲ୍‌ମେଟ ଫି

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏଠାରେ ୪ ଚକିଆ ଗାଡ଼ି ପାଇଁ ପାର୍କିଂ ସୁବିଧା ନାହିଁ। ଠିକ୍ ସ୍ଥାନରେ ରଖିବା ପାଇଁ ଚିହ୍ନିତ(ମାର୍କିଂ) ମଧ୍ୟ କରାଯାଇ ନାହିଁ। ଅନ୍ୟପକ୍ଷରେ ଗାଡ଼ି ରଖି ଅନ୍ୟ ସହରକୁ ଯାଉଥିବା ଲୋକେ ନିଜର କାର୍‌କୁ ନିଜେ ଗୋଡ଼ାଇ ରଖିବାକୁ ବାଧ ହେଉଛନ୍ତି। ହେଲେ ସଂସ୍ଥା ପକ୍ଷରୁ ପାର୍କିଂ ପାଇଁ ସୁବ୍ୟବସ୍ଥା ନ କରି ମଧ୍ୟ ୪ ଚକିଆ ଯାନ ରଖିବା ପାଇଁ ୨୪ ଘଣ୍ଟାକୁ ୮୦ ଟଙ୍କା, ୨ ଚକିଆ ଯାନ ପାଇଁ ୨୪ ଘଣ୍ଟାକୁ ୪୦ ଟଙ୍କା ଓ ସାଇକେଲ ରଖିବା ନିମନ୍ତେ ୨୪ ଘଣ୍ଟା ପାଇଁ ୨୦ ଟଙ୍କା ପାର୍କିଂ ଫି ଆଦାୟ କରାଯାଉଛି। ଅନ୍ୟ ସହର ତୁଳନାରେ ଏଠାରେ ଫି ଅଧିକ ରହିଛି। ତେଣୁ ଏହି ଦରକୁ ପ୍ରତ୍ୟାହାର କରି ସିଭିଲ ସୋସାଇଟି ସଦସ୍ୟଙ୍କୁ ଦର ଧାର୍ଯ୍ୟ କମିଟିରେ ରଖି ଦର ଧାର୍ଯ୍ୟ କରାଯାଉ ବୋଲି ରାୟଗଡ଼ା ସହରର କେ. ଈଶ୍ୱର କହିଛନ୍ତି। ଏଥିସହ ପାର୍କିଂସ୍ଥଳରେ ସିମେଣ୍ଟ କଂକ୍ରିଟ ରାସ୍ତା, ସମସ୍ତ ଯାନ ରଖିବାକୁ ଚିହ୍ନିତ କରିବା ଏବଂ ସିସି କ୍ୟାମେରା ସ୍ଥାପନ କରିବା ନିମନ୍ତେ ଦାବି କରାଯାଇଛି। ସମସ୍ତ ଅବ୍ୟବସ୍ଥା ବିଷୟରେ ଷ୍ଟେଶନ ମୁଖ୍ୟ ପରିଚାଳକ ପରମାନନ୍ଦ ମହାନନ୍ଦିଆଙ୍କୁ ପଚାରିବାରୁ, ଶୀଘ୍ର ଷ୍ଟେଶନର ଉନ୍ନତୀକରଣ କରାଯିବା ସହ ସିସି କ୍ୟାମେରା ଲାଗିବ ବୋଲି କହିଛନ୍ତି।



ଖୋଲାରେ ଆକାଶ ତଳେ ପାର୍କିଂ ହୋଇଥିବା ଗାଡି ।




ପାର୍କିଂ ଫି ତାଲିକା।

## ସଂକ୍ଷେପରେ

### ପ୍ରଦୀପ ମାଝିଙ୍କ ଝରିଗାଁ ଗସ୍ତ



ଝରିଗାଁ, ୧୧।୧୧(ସ୍ୱ.ପ୍ର.)-ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟାଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଶୁକ୍ରବାର ଝରିଗାଁ ଗସ୍ତ କରିଛନ୍ତି। ଝରିଗାଁ ବିଜେଡି କର୍ମୀ ଏବଂ ଶୁଭେଚ୍ଛୁମାନେ ତାଙ୍କ ବାସ ଭବନରେ ଏକତ୍ରିତ ହୋଇ ତାଙ୍କୁ ସ୍ୱାଗତ କରିଥିଲେ। ଘରକୁ ଯାଇ ମା' ବାପାଙ୍କ ଆଶୀର୍ବାଦ ନେବା ସହ ଇଷ୍ଟ ଦେବାତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ଦଳୀୟ ନେତାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ବିଜେଡି ବ୍ଲକ ସଭାପତି ଉଦୟ ନାଥ ନାୟକ,ଗୋକୁଳ ପଟ୍ଟନାୟକ, ଅନୀଲ ଜୈନ, ଦେବଜ୍ୟୋତି ପଟ୍ଟନାୟକ,ଏମ୍.ଡ଼ି ଗଫୁର, ଶ୍ରୀପତି ଭତ୍ରା, ଖଗପତି ଭତ୍ରା, ବଂଶି ପନକା, ସନୁ କାହାଳିଆ, ବୁଲୁ ମହାନ୍ତି, ଧରମ ପନକା, ବନି ପଟ୍ଟନାୟକ,ଧରମ ଦାସ ପନକା, ତୁଳସୀ ପନକା ପ୍ରମୁଖ ଉପସ୍ଥିତ ଥିଲେ।

### ମଡେଲ ଡିଗ୍ରୀ କଲେଜରେ ଜାତୀୟ ଶିକ୍ଷା ଦିବସ

ନବରଙ୍ଗପୁର,୧୧।୧(ବି.ପ୍ର.)- ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ ଶିକ୍ଷା ଦିବସ ସ୍ଥାନୀୟ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ଼ ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ସହକାରୀ ପ୍ରଫେସର ଡ ରିୟାଯ ଖଡିମ୍ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମୌଲାନାଙ୍କ ଜୀବନ ସଂଗ୍ରାମର କାହାଣୀ ବର୍ଣ୍ଣନା କରିଥିଲେ। ସମ୍ମାନିତ ବକ୍ତାଭାବେ ଶିକ୍ଷା ବିଭାଗର ଅଧାପିକା ସୁଲୋଚନା ନାୟକ ପ୍ରଥମ ଶିକ୍ଷାମନ୍ତ୍ରୀଙ୍କ ଅବଦାନ ଆମ ପାଇଁ କିପରି ସ୍ମରଣୀୟ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଅଧାପକ ଯୁଗଳ ପ୍ରକାଶ କରକରା ମୌଲାନାଙ୍କ ଛାତ୍ର ଜୀବନର ସଂଘର୍ଷ ତଥା ସ୍ୱାଧୀନତା ସଂଗ୍ରାମ ବିଷୟ ଉପରେ ଆଲୋଚନା କରିଥଲେ। କାର୍ଯ୍ୟକ୍ରମର ଅନ୍ୟତମ ବକ୍ତା ଭାବେ ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲ ଜାତୀୟ ଶିକ୍ଷାନୀତି ଓ ଜାତୀୟ ଶିକ୍ଷା ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପକ ଶ୍ରବଣ କୁମାର ପୁଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ସାମାଜିକ କର୍ମୀ, ଅଧିପିକା ଅଧାପକ ଉପସ୍ଥିତ ଥିଲେ। ଡ ପୂର୍ବୀ କର, ଡ ସଂଯୁକ୍ତା ନାୟକ, ସୁମନ୍ତ ବାଘେଲ୍, ପଲ୍ଲବୀ ସାହୁ, ସନ୍ଧ୍ୟାରାଣୀ ପାଢ଼ୀ, ମୋନାଲିସା ନାଗ, ଅଶ୍ରିତା ପ୍ରଧାନ, ଇନ୍ଦ୍ରାଣୀ ମାଝି,ବିଶାଳ ଜାନି, ବିକ୍ରମ ଭକ୍ତ, ଧନର ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପାଇଁ ସାମର୍ଥ୍ୟ ପରୀକ୍ଷା

ରାୟଗଡ଼ା ଅଫିସ,୧୧।୧୧-ରାୟଗଡ଼ା ସଦର ସ୍ଥିତ ସଂସ୍କୃତି ଭବନରେ ଗୁରୁବାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାରଙ୍କୁ ଭତ୍ତା ପ୍ରଦାନ ଦ୍ୱିତୀୟ ପର୍ଯ୍ୟାୟ ସାମର୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଚାରକ ଲକ୍ଷ୍ମୀ ନାରାୟଣ ବେହେରା, ତ୍ରିଲୋଚନ ସାହୁ, ପ୍ରଶାନ୍ତ ନାୟକ ପରିଚାଳନା କରିଥିଲେ। ଏଥିରେ ୧୫୪ ପଞ୍ଜୀକୃତ କଳାକାରଙ୍କ ମଧରୁ ୯୭ ଜଣ ଉପସ୍ଥିତ ରହି ନିଜର କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। କଳାକାରମାନେ ସେମାନଙ୍କ କଳା ପରିବେଷଣ କରିବା ପରେ ସେମାନଙ୍କ ନାମ ଜିଲା ସ୍ତରରୁ ରାଜ୍ୟକୁ ପଠାଯାଇ କଳାକାର ଭତ୍ତା ନିମନ୍ତେ ସୁପାରିଶ କରାଯିବାକୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜମି ହରାଇଥିବା ୧୨ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

## ମୌଳିକ ସୁବିଧା, ନିଯୁକ୍ତି ଦାବି

କୋରାପୁଟ,୧୧।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାର ସୁନାବେଡାସ୍ଥିତ ନେଭାଲ ଆର୍ମଡ ଡିପୋ(ଏନ୍‌ଏଡି) ନିର୍ମାଣ ହେବାବେଳେ ନିଜର ବହୁ ମୁଲ୍ୟବାନ ଜମି ଦେଇଥିବା ସେମିଳିଗୁଡା ତହସିଲ ଅଞ୍ଚଳର ଜମିହରା ୧୨ ଖଣ୍ଡ ଗ୍ରମାବାସୀ ଏବେ ନିଯୁକ୍ତି ଦାବି କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମିଳିଗୁଡା ତହସିଲର ଦୋରାପୁଟ, ବାଲଡା, ରାଉତପୁଟ, ପେଦାପାଲମା, କୁଡ୍ରୁପୁଟ, ବୁଦାପୁଟ, ଶିଶାଗୁଡା, ରାଜପାଲମା, ଚିକାପାର, ଚର୍କଲିପୁଟ, ନୁଆଗୁଡା ଆଦି ୧୨ ଗ୍ରାମବାସୀ ନିଜର ମୂଲ୍ୟବାନ ଜମିକୁ ପ୍ରଦାନ କରି ଏନ୍‌ଏଡି ସ୍ଥାପନ କରିବାରେ ସହଯୋଗ କରିଥିଲେ। ସେତେବେଳ ଜମି ବଦଳରେ ଜମି ମୂଲ୍ୟ ପାଇଥିଲେ। ଏଥିସହ ଏନଏଡିର ଚତୁର୍ଥ ଶ୍ରେଣୀର ଚାକିରୀ ପ୍ରଦାନ କରାଯିବ ବୋଲି ସେତେବେଳ ବିଭାଗୀୟ ଅଧିକାରୀମାନେ ଏହି ବିସ୍ଥାପିତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏବେ ସେହି ପ୍ରତିଶ୍ରୁତି ପାଳନ କରାଯାଉନି ବୋଲି ଅଭିଯୋଗ କରିଛନ୍ତି ଏହି ବିସ୍ଥାପିତ ଗ୍ରାମବାସୀ। ଏନ୍‌ଏଡିର ବିଭିନ୍ନ ଚତୁର୍ଥ ଶ୍ରେଣୀର ନିଯୁକ୍ତି ନେଇ କିଛି ପଦବୀ ନିକଟରେ ବହାରିଥିବାବେଳେ ତାହା ବିଶାଖାପାଟଣାରେ ସାକ୍ଷାତକାର କରାଯାଇଥିଲା। ଏହା ଶୁଣି ସେଠାକୁ କିଛି ବିସ୍ଥାପିତ ଗ୍ରାମର ଯୁବକ ଯାଇଥିବାବେଳେ ସେଠାରେ ତାଙ୍କୁ ଉପେକ୍ଷା କରାଯାଇଥିବା ଗ୍ରାମବାସୀମାନେ ପ୍ରଶାସନକୁ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି। ସେହିପରି ଅଞ୍ଚଳରେ ସ୍ଥାନୀୟ ଜମିହରାମାନଙ୍କୁ ବିଭିନ୍ନ ମୌଳିକ ସୁବିଧା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। କଂଗ୍ରେସର ଯୁବ ନେତା ରୁପକ କୁମାର ତୁରକଙ୍କ ନେତୃତ୍ୱରେ ଜମିହରାଇଥିବା ରାମନାଥ ଖିପବୁଡି, ନୀଳ ଶୁକିଆ, ପଦୁ ଖରା, ହରିବନ୍ଧୁ ଖିନବୁଡି , ଅଶୋକ ଦୋରା, ଚିନ୍ତାମଣୀ ରାଉତ, ସଦନ କୁଲଦୀପ, ସୁନୀଲ ହନ୍ତାଳ, ସନ୍ତୋଷ ଗୁଣ୍ଠାଙ୍କ ସମେତ ବହୁ ଯୁବକ ପ୍ରଶାସନର ଦ୍ୱାରସ୍ଥ ହୋଇ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଜମିହରା ଓ ଅନ୍ୟମାନେ।

# ଅନକାଡେଲିଠାରେ ବିଏସ୍‌ଏଫ୍‌ର ଜନସମ୍ପର୍କ ଶିବିର

କୋରାପୁଟ/ଅନକାଡେଲି, ୧୧।୧୧,(ସ୍ୱ.ପ୍ର.)

କୋରାପୁଟ ଜିଲାର ଲମତାପୁଟ ବ୍ଲକର ଅନକାଡେଲି ପଞ୍ଚାୟତସ୍ଥିତ ବିଏସ୍‌ଏଫ ୬୫ ବାଟାଲିଆନ ପକ୍ଷରୁ ଏକ ଜନ ସମ୍ପର୍କ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଏସଏଫ୍ ଆଇଜି ଧନେଶ୍ୱର କୁମାର ଶର୍ମା, ବିଏସଏଫର ଡିଆଇଜି ମଦନଲାଲ, କମାଣ୍ଡାଣ୍ଟ ରାଜିଭ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅନକାଡେଲି ପଞ୍ଚାୟତ ଅଧୀନରେ ଥିବା ବଡଡୁରାଲ, ଅଣ୍ଡ୍ରାହାଲ ଆଦି ଗ୍ରାମର ବଣ୍ଡା ଜନଜାତି ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀମାନଙ୍କୁ ମାଗଣା ମେଡିସିନ, ଷ୍ଟିଲ ପ୍ଲେଟ, ଗ୍ଲାସ ଆଦି ବଣ୍ଟନ କରିବା ସହିତ ସମସ୍ତ ପଦସ୍ଥ ଅଧିକାରୀ ସ୍ଥାନୀୟ ଲୋକଙ୍କ ମିଶି ସେମାନଙ୍କ ସୁବିଧା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସେଠାରେ ବିଭିନ୍ନ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନନ୍ଦପୁର ପୋଲିସ ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ରଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି, ବୁଦ୍ଧିଜିବୀ, ଗ୍ରାମ ମୁଖିଆମାନେ ସାମିଲ ଥିଲେ।


ଜନସମ୍ପର୍କ ଶିବିରରେ ଆଦିବାସୀ ନୃତ୍ୟ ପରିବେଷଣ କରିଥିବା କଳାକାରଙ୍କ ସହ ଅଧିକାରୀ, ଯବାନ ଓ ଅନ୍ୟମାନେ ।

## ଲକ୍ଷାଧିକ ଟଙ୍କାର କାଠ ଜବତ

ମାଲକାନଗିରି,୧୧।୧୧(ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ବାଲିମେଳା ବନାଞ୍ଚଳ ପକ୍ଷରୁ ବାଲିମେଳା ସଦର ମହକୁମା ଓସିସି କଲୋନୀରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଡିଏଫଓ ପ୍ରତାମ କୋଙ୍ଗାପାଲୀଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଭାବେ ଗୁଡୁମୁଲୁଗୁମ୍ମା ତହସିଲଦାର ବିଜୟ କୁମାର ମାଣ୍ଡାଙ୍ଗି, ପୋଲିସ କର୍ମଚାରୀ ଏବଂ ବନପାଳ ମୋହନ ଗୁଡ଼ିଆଙ୍କ ସମେତ କର୍ମଚାରୀ ଓସିସି କଲୋନୀର ଭୈରବେଶ୍ୱର ବିଶୋୟୀଙ୍କ ଘରେ ଚଢ଼ାଉ କରରିଥିଲେ। ଚଢ଼ାଉ ବେଳେ ଘରେ ଭୈରେବେଶ୍ୱର ବେହେରା ନ ଥିବା ବେଳେ ତାଙ୍କ ସ୍ତ୍ରୀ ବନ ବିଭାଗକୁ ସହଯୋଗ କରିଥିଲେ। ତେବେ ଏହି କାଠ ତାଙ୍କ ଦେଢ଼ଶୁର ଭୁବନେଶ୍ୱର ବେହେରା ଗଚ୍ଛିତ କରି ରଖିଥିବା ସେ କହିଥିଲେ। ଚଢ଼ାଉ ସମୟରେ ୩୦ ଖଣ୍ଡ ଟିକ୍ ଓ ବିଜା କାଠ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ। ସମସ୍ତ କାଠ ଜବତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଚଢ଼ାଉରେ ଉପ ବନାଞ୍ଚଳ ଅଧିକାରୀ ଅନିଲ କୁମାର ବାଲା, ବନପାଳ ଜ୍ୟୋତି ଡୁଙ୍ଗଡୁଙ୍ଗ ଓ ସଦାଶିବ ଚିନାରା ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କ ଚନ୍ଦାହାଣ୍ଡି ଗସ୍ତ

ଚନ୍ଦାହାଣ୍ଡି, ୧୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନୂତନ ପ୍ରକଳ୍ପ ନିର୍ଦ୍ଦେଶିକା ଅନ୍ୟା ଦାଶ ଚନ୍ଦାହାଣ୍ଡି ବ୍ଲକ ଗସ୍ତରେ ଆସି ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ସମସ୍ତ ଅଧିକାରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓଙ୍କୁ ବ୍ଲକରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକରେ ପାନୀୟ ଜଳ, ରାସ୍ତା ଘାଟ ସମସ୍ୟା କିପରି ଦୂର କରାଯିବ ସେ ନେଇ ଆଲୋଚନା କରିବା ସହ ଫଇଲ ସବୁ ଯାଞ୍ଚ କରିଥିଲେ। ଜମାଦାରପଡା ଭାଲୁଡଙ୍ଗରୀରେ ନିର୍ମାଣ ହେବାକୁଥିବା ପ୍ରସ୍ତାବିତ ଗ୍ରାମ୍ୟ ଉଦ୍ୟାନ ପରିଦର୍ଶନ କରିବା ସହ ଜମାଦାରପଡା ସଦରରେ ଥିବା ଆବର୍ଜନା ପୃଥକୀକରଣ କେନ୍ଦ୍ର ପରିଦର୍ଶନ, ଫଟକୀ ପଞ୍ଚାୟତରେ ଆଦର୍ଶ ପୋଖରୀ ନିର୍ମାଣ, ଧୋଡିପାଣି ସାପ୍ତାହିକ ବଜାରରେ ନିର୍ମାଣାଧୀନ ହାଟ ପିଣ୍ଡି ବୁଲି ଦେଖିଥିଲେ। ଏହି ଗସ୍ତବେଳେ ଅତିରିକ୍ତ ଜିଲାପାଳ ଦେବୀପ୍ରସାଦ ଟାଲି, ରାଜେଶ ପଟ୍ଟନାୟକ, ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି, ସହକାରୀ ଯନ୍ତ୍ରୀ ଥୟ ପଟେଲ ପ୍ରମମୁଖ ଉପସ୍ଥିତ ଥିଲେ।

# ମଣିକଣ୍ଠ ସ୍ୱାମୀଙ୍କ ମାଳାଧାରଣ ଉତ୍ସବ



ଡାବୁଗାଁ, ୧୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଶିବ ମନ୍ଦିରରେ ଡାବୁଗାଁ ଅୟାପ୍ପା ସ୍ୱାମୀ ସାନିଧାନମର ମଣିକଣ୍ଠ ସ୍ୱାମୀମାନଙ୍କ ମାଳାଧାରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ଅୟାପ୍ପା ସ୍ୱାମୀ ସାନିଧାନମର ମାଳାଧାରଣକାରୀ ଭକ୍ତମାନଙ୍କ ୧ ମାସ ପୂର୍ତ୍ତି ଅବସରରେ ଛୋଟ ପିଲାମାନଙ୍କୁ ମାଳାଧାରଣ କରାଯାଇଥିଲା। ଏଥିରେ ଜୟପୁର ରାବଣା ଗୁରୁସ୍ୱାମୀ ଯୋଗ ଦେଇ ୩ ଜଣ ମଣିକଣ୍ଠ ସ୍ୱାମୀଙ୍କୁ ମାଳାଧାରଣ କରାଇଥିଲେ। ଏଥିରେ ଡାବୁଗାଁ ଗୁରୁସ୍ୱାମୀ ପ୍ରକାଶ ଚନ୍ଦ୍ର ପଣ୍ଡା, ଆଶୁତୋଷ ଜେନା, ସ୍ୱାମୀ ଚିତ୍ତରଞ୍ଜନ ପାତ୍ର, ସୁରେଶ ସାହୁ, ଜିତୁ ଖୁଣ୍ଟିଆ, କାହ୍ନା ପଣ୍ଡା, ଟି. ଜୁଗୁନୁ, ଅମୂଲ୍ୟ ପଣ୍ଡା, ଡି.ରାଜା ଙ୍କ ସହ ପ୍ରାୟ ୨୦ ଜଣ ସ୍ୱାମୀଙ୍କ ଗହଣରେ ମଣିକଣ୍ଠ ସ୍ୱାମୀମାନେ ମାଳା ଗ୍ରହଣ କରିଥିଲେ। ଅୟାପ୍ପା ସ୍ୱାମୀ ମାଳାଧାରଣ କରିବା ପରେ ଛୋଟ ପୁଅମାନଙ୍କୁ ମଣିକଣ୍ଠ ସ୍ୱାମୀ ବୋଲି କୁହାଯାଏ। ସମସ୍ତେ ଚଳିତ ମାସ ୨୧ ତାରିଖ ଦିନ କେରଳ ରାଜ୍ୟର ଶାବରିମାଳାସ୍ଥିତ ଆୟାପ୍ପା ସ୍ୱାମୀଙ୍କ ଦର୍ଶନ ନିମନ୍ତେ ଗସ୍ତ କରିବେ।

# ଗୁପ୍ତେଶ୍ୱର ପୀଠରେ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଅବର୍ଜନା



## ସଫା କରାଉନି ମନ୍ଦିର ପ୍ରଶାସନ

ବୈପାରୀଗୁଡ଼ା, ୧୧।୧୧(ଡି.ଏନ୍.ଏ.)

କୋରାପୁଟ ଜିଲାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠ ଏକ ସୁନ୍ଦର ମନୋରମ ସ୍ଥାନ। ପାହାଡ ଜଙ୍ଗଲ ସାଙ୍ଗକୁ ନିକଟରେ ଚୀରସ୍ରୋତା ଶାବରୀ ନଦୀ କୁଳୁକୁଳୁ ହୋଇ ବହିଯାଇଛି। ଆଧ୍ୟାତ୍ମିକ ପରିବେଶ ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଯେକୌଣସି ପର୍ଯ୍ୟଟକଙ୍କୁ ବିମୋହିତ କରେ। ପ୍ରତିଦିନ ଏଠାକୁ ରାଜ୍ୟ ଓ ରାଜ୍ୟ ବାହରୁ ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ପୀଠରେ ପରିମଳ ବ୍ୟବସ୍ଥା ଉଦ୍‌ବେଗ ଜନକ ହୋଇପଡିଛି। ପୀଠରେ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ନେଇ ପରିବେଶବିତ୍‌ମାନେ ଅନେକ ସମୟରେ ବିରୋଧ କରିଆସୁଛନ୍ତି। ଏହା ଦ୍ୱାରା ପୀଠର ସୌନ୍ଦର୍ଯ୍ୟ ନଷ୍ଟ ହେବାସାଙ୍ଗକୁ ଜଙ୍ଗଲି ଜୀବଜନ୍ତୁଙ୍କ ଉପରେ କୁପ୍ରଭାବ ପଡୁଛି। କିନ୍ତୁ ଏଥିପ୍ରତି ମନ୍ଦିର ପ୍ରଶାସନର ଦୃଷ୍ଟି ପଡୁନାହିଁ। ଗତ ଶ୍ରାବଣ ମାସରେ କାଉଡି ଯାତ୍ରାବେଳେ ହଜାର ହଜାର ସଂଖ୍ୟକ କାଉଡିଆମାନେ ଏଠାରେ ଜଳାଭିଷେକ କରିଥିଲେ। ଦୂର ଦୂରାନ୍ତରୁ ସେମାନେ କାଉଡିରେ ଆଣିଥିବା ପ୍ଲାଷ୍ଟିକ୍ ଡାଳ ମନ୍ଦିର ପରିସରରେ ଫୋପାଡି ଦେଇ ଚାଲିଗଲେ। ପ୍ଲାଷ୍ଟିକ୍ ଡାଳସହ ପ୍ଲାଷ୍ଟିକ୍ ବୋତଲର ଗଦା ମନ୍ଦିର ପାହାଡ କଡରେ ପଡିଥିବା ଦେଖିବାକୁ ମିଳୁଛି। ଏସବୁ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାରକୁ ବାରଣ କରିବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାବେଳେ ଅବର୍ଜନା ଜମାହେବା ପରେ ବି ସେସବୁ ସଫା କରା ନ ଯିବା ଉଦ୍‌ବେଗର ବିଷୟ ହୋଇଛି। ଶ୍ରାବଣ ମାସରେ ଜୟପୁର ସହର ତଥା ସ୍ଥାନୀୟ ଅଞ୍ଚଳମାନଙ୍କରେ କାଉଡିଆ ମାନଙ୍କ ପାଇଁ ପ୍ଲାଷ୍ଟିକ୍ ସାମଗ୍ରୀ ବିକ୍ରିକୁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ନିଷେଦ୍ଧ କରିବାର ଆବଶ୍ୟକତା ଥିଲା। ସେହିପରି ପୀଠରେ ପଲିଥିନ୍ ବ୍ୟବହାରକୁ ନିଷେଧ କରାଯାଇଥିଲେ ମଧ ଭକ୍ତମାନେ ମନ୍ଦିର ମଧ୍ୟକୁ ଅବାଧରେ ପଲିଥିନ୍ ବ୍ୟାଗ୍‌ରେ ଭୋଗ ନେଇଯିବା ଓ ପରେ ପଲିଥିନ୍‌କୁ ଏଣେ ତେଣେ ଫିଙ୍ଗିବା ଦ୍ୱାରା ପରିବେଶ ନଷ୍ଟ ହେଉଛି। ପଲିଥିନ୍ ବଦଳରେ ସ୍ଥାନୀୟ ଦୁରୁଆ ଆଦିବାସୀଙ୍କ ଦ୍ୱାରା ହାତ ତିଆରି ପାରମ୍ପରିକ ବାଉଁଶ ଡାଲା ବ୍ୟବହାର କରିବାକୁ ମତ ପ୍ରକାଶ ପାଉଛି। ଏହାଦ୍ୱାରା ପୀଠରେ ପରିବେଶ ସଫା ରହିବା ସହ ସ୍ଥାନୀୟ ଅଞ୍ଚଳର ଦୁରୁଆ ଆଦିବାସୀଙ୍କ ରୋଜଗାର ତଥା ବାଉଁଶ କାରୁକାର୍ଯ୍ୟ ବଞ୍ଚିପାରିବ ବୋଲି ମତ ପ୍ରକାଶ ପାଉଛି।

# ସଞ୍ଚୟ ପାକ୍ଷିକ ଦିବସ ପାଳିତ

ରାୟଗଡ଼ା ଅଫିସ,୧୧।୧୧

ରାୟଗଡ଼ା ଜିଲା ପ୍ରଶାସନ ଆନୁକୂଲ୍ୟରେ ସଞ୍ଚୟ ପାକ୍ଷିକ ଦିବସ ଗୁରୁବାର ପାଳିତ ହୋଇଯାଇଛି। ସେହିପରି ଆୟୋଜିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଯୋଗ ଦେଇଥିଲେ। ଅଧ୍ୟାପକ ରଘୁନାଥ ଭୂଏ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଛାତ୍ର ଜୀବନରୁ ମିତବ୍ୟୟିତା ଅବଲମ୍ବନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଭବିଷ୍ୟତ ବଂଶଧରକୁ ଠିକ୍ ମାର୍ଗରେ ନେଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ସେ ଆହୁରି କହିଥିଲେ, ଠକ ଚିଟ୍‌ଫଣ୍ଡ ସଂସ୍ଥାଙ୍କ ପ୍ରଲୋଭନରେ ନ ପଡ଼ି କଷ୍ଟାର୍ଜିତ ଆୟକୁ କେବଳ ଆର୍‌ବିଆଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅର୍ଥ ଲଗାଣକାରୀ ସଂସ୍ଥା କିମ୍ବା ପୋଷ୍ଟ ଅଫିସରେ ଜମା କରିବାକୁ ପରାମର୍ଶ ଦେଇଥିଲେ।

କଲେଜର ଅଧକ୍ଷା ଅର୍ଚ୍ଚନା ପଟ୍ଟନାୟକ ସଭାରେ ଅଧକ୍ଷତା କରି କିପରି ପୁରାଣ ଓ ପ୍ରାକ୍ ଐତିହାସିକ ସମୟରୁ ସଞ୍ଚୟ ମନୋବୃତ୍ତିର ଜାଗରଣ ହୋଇଥିଲା ସେ ବିଷୟରେ ଆଲୋକପାତ କରିଥିଲେ। ଅର୍ଥନୀତି ଅଧାପକ ଦେବେଶ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଞ୍ଚୟର ଆବଶ୍ୟକତା ବିଷୟରେ କହିଥିଲେ। ସ୍ଥାନୀୟ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବ କୁମାର ନାୟକ ପୋଷ୍ଟ ଅଫିସ ସଞ୍ଚୟ ଯୋଜନା ଉପରେ କହିଥିଲେ। ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଡାକ ଡିଭିଜନର ଡାକ ନିରୀକ୍ଷକ ଏଲ. କେ. ଚାନ୍ଦ କେନ୍ଦ୍ର ସରକାରଙ୍କ ପ୍ରଚଳିତ ବିଭିନ୍ନ ସାମାଜିକ ସୁରକ୍ଷା ବୀମା ଯୋଜନା ଉପରେ ଆଲୋଚକପାତ କରିଥିଲେ। ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ(ସାଇବର କ୍ରାଇମ) ବିଠଲ ନିଦୋପ୍ତଳ ଷଡ଼ଙ୍ଗୀ, ଚିଟଫଣ୍ଡ କମ୍ପାନୀ କିପରି ଘଟୁଛି ତାହାର ଉଦାହରଣ ନେଇ ବୁଝାଇଥିଲେ। ମୁଖ୍ୟ ଅତିଥି ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭାରେ ୨୦୦ ଛାତ୍ରୀ ଅଧାପିକା ଅଧାପକ ଓ ଅଭିଭାବକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ୨୨ରେ ବ୍ଲକସ୍ତରୀୟ 'ପରବ'

କୁନ୍ଦୁରା, ୧୧।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବୈଠକ ଗୃହରେ 'ପରବ' ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନଭେମ୍ବର ୨୨ରେ ବ୍ଲକସ୍ତରୀୟ 'ପରବ' ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟିରୁ ପରବ ଶୁଭାରମ୍ଭ ନେଇ ଜିଲାସ୍ତରରେ ସ୍ଥିର କରାଯାଇଛି। କୁନ୍ଦୁରା ବ୍ଲକ ତେନ୍ତୁଳି ଗୁମ୍ମାରେ ଆୟୋଜିତ ପରବରେ ଯୋଗ ଦେବା ପାଇଁ ନିଷ୍ପତି ନେଇଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ କୁନ୍ଦୁରାସ୍ଥିତ ଶାସ୍ତ୍ରୀ ମୈଦାନରେ ବ୍ଲକସ୍ତରୀୟ ପରବ ହେବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପରବ ଶୁଭାରମ୍ଭ ପୀଠ ତେନ୍ତୁଳି ଗୁମ୍ମାରୁ ମସାଲ ଆଣିବା ପରେ କୁନ୍ଦୁରାସ୍ଥିତ ଠାକୁରାଣୀଙ୍କ ମନ୍ଦିରରେ ରଖାଯିବ। ପ୍ରତି ଗ୍ରାମ ପଞ୍ଚାୟତରୁ ସରପଞ୍ଚ ଏବଂ ସମିତି ସଭ୍ୟମାନେ ପରବ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ସ୍ଥାନୀୟ ଦୁରୁଆ ନୃତ୍ୟ ଏବଂ ଢେମସା ନୃତ୍ୟ ପରିବେଷଣ କରାଯିବ। ପ୍ରତି ପଞ୍ଚାୟତରୁ କଳା ପ୍ରେମୀଙ୍କୁ ନେଇ ପରବ କାର୍ଯ୍ୟକ୍ରମରେ କରାଯିବ। ଚଳିତବର୍ଷ ପରବ କୁ ସୁନ୍ଦର କରିବା ନିମନ୍ତେ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ବିଡିଓ ସନ୍ଧ୍ୟା ସମରଥ ଅନୁରୋଧ କରିଛନ୍ତି। ଲୋକ ପ୍ରତିନିଧି,ପ୍ରଶାସନ ଏବଂ ସାମାଜିକ କର୍ମୀଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ବ୍ଲକସ୍ତରୀୟ ଲୋକ ମହୋତ୍ସବ ପରବରେ ଲୋକନୃତ୍ୟ, ଲୋକଗୀତ, ଢେମ୍‌ସା ନୃତ୍ୟ, ମହୁରୀ ବାଦନ ଭଳି ପ୍ରତିଯୋଗିତା କରାଯିବ ବୋଲି ପଞ୍ଚାୟତ ସମିତି ଅଧକ୍ଷା ରାଜେଶ୍ୱରୀ ପରଜା କହିଛନ୍ତି। ଏହି ବୈଠକରେ ଜିଲା ପରିଷଦ ସଭ୍ୟ କନକ ଲତା ପେଣ୍ଡିଆ,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭପ୍ରସାଦ ସାହୁ,ଜିପିଇଓ ସୁରେଶ ହୋତା, ସିଡିପିଓ ଆରତିମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖୋରା, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଅଧକ୍ଷା ରୀତା କରନ୍, ଏବିଇଓ ପପେୟା ବେହେରା, ଜିଲା ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ବ୍ଲକ ନିର୍ବାହୀ ଯନ୍ତ୍ରୀ ସ୍ୱରୁପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ।

# ଭୁଶୁଡ଼ି ପଡ଼ିଥିବା ପୋଲ, ରାସ୍ତା ନିର୍ମାଣ ଦାବି

- ମାଳିବେଲଗାଁ ପଞ୍ଚାୟତବାସୀ ପ୍ରଶାସନର ଦ୍ୱାରସ୍ଥ
- ମୌଳିକ ସମସ୍ୟା ସମାଧାନ ନେଇ ଦେଲେ ଦାବିପତ୍ର

କୋରାପୁଟ,୧୧।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାର ନନ୍ଦପୁର ବ୍ଲକ ଅଧୀନ ମାଳିବେଲଗାଁ ପଞ୍ଚାୟତ ବିଭିନ୍ନ ମୌଳିକ ସମସ୍ୟା ରହିଛି। ଏଥିଯୋଗୁ ପଞ୍ଚାୟତବାସୀ ଅସୁବିଧା ସମ୍ମୁଖୀନ ହେଉଥିବା ଦର୍ଶାଇ ଗ୍ରାମବାସୀ ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନାରୁ ଜଣାପଡିଛି ଯେ ଜିଲାର ନନ୍ଦପୁର ବ୍ଲକ ଅଧୀନରେ ଥିବା ମାଳି ବେଲଗାଁ ପଞ୍ଚାୟତରେ ସିଡାପୁଟ ପୋଲ ଦୀର୍ଘଦିନ ହେଲା ଭୁଶୁଡିଥିବାବେଳେ ଏ ପର୍ଯ୍ୟନ୍ତ ତାହା ନିର୍ମାଣ ହୋଇନାହିଁ। ପୁଜାରିପୁଟ ହାଟଠାରୁ ମହୁଲପୁଟ ଓ ଛେଳିଆମୁଣ୍ଡା ରାସ୍ତା ଓ କଲଭର୍ଟ ନିର୍ମାଣ, ପୁଜାରୀପୁଟଠାରୁ ମାଛକୁଣ୍ଡ ଷ୍ଟେସନ ରାସ୍ତା ନିର୍ମାଣ ସହ ବିଭିନ୍ନ ରାସ୍ତାର କଲଭର୍ଟ ନିର୍ମାଣ ଦାବି କରାଯାଇଛି। ଯୁଦ୍ଧକାଳୀନ ଭିତିରେ ସିଡାପୁଟ, ଟାଙ୍ଗକୁ, କଦମଗୁଡା, ଖତପୁଟରେ ପାନୀୟ ଜଳ ସମସ୍ୟାର ସମାଧାନ, ପଞ୍ଚାୟତର ସମ୍ପତି ସୁରକ୍ଷା ଦାବି, ଖାଦ୍ୟ ସୁରକ୍ଷାରେ ସମସ୍ତ ପଞ୍ଚାୟତବାସୀଙ୍କୁ ସାମିଲ କରିବା, ବିଦ୍ୟାଳୟଗୁଡିକର ଉନ୍ନତି ସହ ପାଚେରୀ ନିର୍ମାଣ କରିବା ନେଇ ଏପ୍ରିଲ ମାସରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ଦିଆଯାଇଥିଲା। ତଥାପି ମଧ ବର୍ତମାନ ସୁଦ୍ଧା ଉପରୋକ୍ତ ଦାବିର ସମାଧାନ ନ ହେବାରୁ ଲୋକେ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ନିବେଦନ କରିଛନ୍ତି। ମାଳିବେଲଗାଁ ସରପଞ୍ଚ ପି. ମୁଦୁଲିଙ୍କ ନେତୃତ୍ୱରେ ବହୁ ୱାଡମେର ଓ ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି।


ଦାବି ଜଣାଇବାକୁ ଆସିଥିବା ମାଳିବେଲଗାଁ ପଞ୍ଚାୟତବାସୀ।

